CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୩୮ ◆ ଭୁବନେଶ୍ୱର ◆ ସୋମବାର ◆ ମେ ୧୧ରୁ ମେ ୧୭, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-38 ◆ Bhubaneswar ◆ Monday ◆ May 11 to May 17, 2026 ◆ Page-8 ◆ Price Rs.4.00

## ନୂଆ ରୂପ ପାଇବ ଖଣ୍ଡଗିରି-ଉଦୟଗିରି

ଭୁବନେଶ୍ୱର,(ଜା.ପ୍ର): ଖଣ୍ଡଗିରି ଏବଂ ଉଦୟଗିରିର ହେବ ସୌନ୍ଦର୍ଯ୍ୟକରଣ। ଖଣ୍ଡଗିରି ଓ ଉଦୟଗିରି ଯୁଗ୍ମ ପାହାଡ଼କୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବାକୁ ବଡ଼ ଯୋଜନା ହୋଇଛି। ଏହାର ବିକାଶ ପାଇଁ ୧୦୦ କୋଟିର ପ୍ରକଳ୍ପ ପାଇଁ ପର୍ଯ୍ୟଟନ ବିଭାଗ ସୁପାରିଶ କରିଛି। ବିଭାଗୀୟ ସ୍ଥାୟୀ କମିଟି-୩ ପକ୍ଷରୁ ଏହି ଐତିହାସିକ ସ୍ଥଳର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ବ୍ୟୟ ଅଟକଳ ସହ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଗତ କରାଯାଇଛି। ଖଣ୍ଡଗିରି ଓ ଉଦୟଗିରିରେ ଖାରବେଳଙ୍କ ମୂର୍ତ୍ତି ସ୍ଥାପନ ହେବ। ବିଭାଗୀୟ ସ୍ଥାୟୀ କମିଟି-୩ ପକ୍ଷରୁ ଖଣ୍ଡଗିରି ଓ ଉଦୟଗିରି ଐତିହାସିକ ସ୍ଥଳର ବିକଶିତ ପ୍ରସ୍ତାବର ମୁଖ୍ୟ ଆକର୍ଷଣ ହେଉଛି କଳିଙ୍ଗ ସମ୍ରାଟ ମହାମେଘବାହନ ଐର ଖାରବେଳଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ। କମିଟିର ସୁପାରିଶ ଅନୁଯାୟୀ, ଖଣ୍ଡଗିରିକୁ ଏକ ସଂପୂର୍ଣ୍ଣ 'ପର୍ଯ୍ୟଟନ ଗୌରବ' ଭାବେ ବିକଶିତ କରାଯିବ। ପାହାଡ଼ ଉପରକୁ ଯିବା ପାଇଁ ୱାକିଂ ପାର୍କ, ମ୍ୟୁଜିକାଲ ଫାଉଣ୍ଟେନ ଓ ଆଧୁନିକ ଆଲୋକୀକରଣ ବ୍ୟବସ୍ଥା କରାଯିବ।

## ତେଲେଙ୍ଗାନା ମାଟିରୁ ଦେଶବାସୀଙ୍କୁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଲେ ପ୍ରଧାନମନ୍ତ୍ରୀ

# ଆଜିର ସମୟ 'ଏକ ବଡ଼ ଆହ୍ୱାନ'

ବେଙ୍ଗାଲୁରୁ/ହାଇଦ୍ରାବାଦ୍,(ଏଜେନ୍ସି): ଆମେରିକା-ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ବିଶ୍ୱସ୍ତରୀୟ ତୈଳ ଯୋଗାଣରେ ବାଧା ସୃଷ୍ଟି ହୋଇଛି, ଯାହା ଭାରତ ଉପରେ ମଧ୍ୟ ଭାରିମାତ୍ରାରେ ପ୍ରଭାବ ପକାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀ ଏକ କାର୍ଯ୍ୟକ୍ରମ ଅବସରରେ ଦେଶବାସୀଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି।




ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ସମୟ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ ସାଜିଛି। ବର୍ତ୍ତମାନ ସମୟରେ ପେଟ୍ରୋଲ, ଗ୍ୟାସ୍ ଏବଂ ଡିଜେଲର ବ୍ୟବହାର କମ୍ କରିବାକୁ ହେବ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଯୋଗୁଁ ସାରା ବିଶ୍ୱରେ ପେଟ୍ରୋଲ-ଡିଜେଲ୍ ଦର ଅନେକ ଗୁଣା ବଢ଼ିଯାଇଛି। ସୁତରାଂ ପେଟ୍ରୋଲ, ଗ୍ୟାସ୍ ଏବଂ ଡିଜେଲ ଭଳି ଜିନିଷକୁ ଅତି ସଞ୍ଜମତାର ସହ ବ୍ୟବହାର କରିବା ଜରୁରୀ। ଆମ ପାଖରେ ପେଟ୍ରୋଲିୟମ୍‌ର କୂପ ନାହିଁ। ସୁତରାଂ ଆମଦାନୀ ହେଉଥିବା ପେଟ୍ରୋଲିୟମ ପଦାର୍ଥକୁ କେବଳ ଆବଶ୍ୟକ ସ୍ଥଳେ ହିଁ ବ୍ୟବହାର କରିବା ଉଚିତ୍ ହେବ। କରୋନା ସଂକ୍ରମଣ ସମୟରେ 'ୱାର୍କ ଫ୍ରମ୍ ହୋମ୍' ଭଳି ବ୍ୟବସ୍ଥାକୁ ଆପଣାଇବା ଅପରିହାର୍ଯ୍ୟ ହୋଇପଡିଛି। ଏହାଦ୍ୱାରା ଗାଡି ମଟରରେ ଇନ୍ଧନ କମ୍ ଖର୍ଚ୍ଚ ହେବ। ଯେଉଁ ସହରରେ ମେଟ୍ରୋ ଟ୍ରେନ୍‌ର ସୁବିଧା ଅଛି ସେସବୁ ଅଞ୍ଚଳର ଲୋକେ ନିଜ ଗାଡି ମଟର ବ୍ୟବହାରକୁ କମ୍ କରି ମେଟ୍ରୋରେ ଯାତ୍ରା କରିବା ଆରମ୍ଭ କରନ୍ତୁ। ମୋଦୀ କହିଛନ୍ତି ଯେ, ଭାରତ ମୁଖ୍ୟତଃ ବିଦେଶରୁ ତୈଳ ଆମଦାନୀ କରୁଥିବାରୁ ଏହାର ବ୍ୟବହାରରେ ସଞ୍ଜମତା ରକ୍ଷା କରିବା ଆଜିର ସମୟର ଆବଶ୍ୟକତା। ସେହିପରି ଏକ ବଡ଼ ସଂକଳ୍ପ ନେବାକୁ ହେବ ଯେ, ଅନ୍ତତଃ ଏକ ବର୍ଷ ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟକ୍ରମ ବା ଉତ୍ସବ ହେଉ, ସୁନା କିଣିବା ନାହିଁ। ଏହାଦ୍ୱାରା ଦେଶର ବିଦେଶୀ ମୁଦ୍ରା ମଧ୍ୟ ସଞ୍ଚୟ ହୋଇପାରିବ ଏବଂ ଯୁଦ୍ଧର ପ୍ରତିକୂଳ ପ୍ରଭାବ ମଧ୍ୟ ଅନେକାଂଶରେ ହ୍ରାସ ପାଇବ। ମୋଦୀ ସୌରଶକ୍ତି ଏବଂ ପେଟ୍ରୋଲରେ ଇଥାନଲ ମିଶ୍ରଣ କ୍ଷେତ୍ରରେ ଭାରତର ପ୍ରଗତି ବିଷୟରେ ଉଲ୍ଲେଖ କରିଛନ୍ତି। ଖାଇବା ତେଲର ସଞ୍ଚୟ, ରାସାୟନିକ ସାର ବଦଳରେ ଚାଷ କାର୍ଯ୍ୟରେ ଜୈବିକ ସାର ଉପଯୋଗ କରିବା ଏବଂ ବର୍ତ୍ତମାନ ସମୟରେ ଅଥଯା କାରଣରେ ବିଦେଶ ଯାତ୍ରା ନକରିବା ଆଦି ଉପରେ ମଧ୍ୟ ମୋଦୀ ପରାମର୍ଶ ଦେଇଛନ୍ତି। ମୋଦୀ କହିଛନ୍ତି, ବର୍ତ୍ତମାନର ସଂକଟ ସମୟରେ ଆମ ସମସ୍ତଙ୍କୁ ଏକଜୁଟ୍ ହୋଇ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ।

ହାଇଦ୍ରାବାଦ୍‌ରେ ପ୍ରାୟ ୯,୪୦୦ କୋଟି ଟଙ୍କାର ଏକାଧିକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଅବସରରେ ସିକନ୍ଦରାବାଦ୍‌ଠାରେ ଆୟୋଜିତ ବିଜେପିର ଏକ ଶୋଭାଯାତ୍ରାରେ ମଧ୍ୟ ପ୍ରଧାନମନ୍ତ୍ରୀ ସାମିଲ ହୋଇଥିଲେ ଏବଂ ଏହିଠାରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏପ୍ରକାର ଭାଷଣ ରଖିଥିଲେ। ମୋଦୀ ନିଜ ଭାଷଣ ପ୍ରସଙ୍ଗରେ ସଦ୍ୟ ସମାପ୍ତ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ସମ୍ପର୍କରେ ମଧ୍ୟ କହିଥିଲେ ଏବଂ ଦେଶର ସର୍ବ ପୁରାତନ ଦଳ କଂଗ୍ରେସକୁ ଶାଣିତ କଟାକ୍ଷ କରିଥିଲେ। ତେଲେଙ୍ଗାନାରେ ଡିଏମ୍‌କେକୁ ଛାଡି କଂଗ୍ରେସ ଟିଭିକେ'କୁ ସମର୍ଥନ ଦେବା ପ୍ରସଙ୍ଗରେ କହିଥିଲେ ଯେ, କଂଗ୍ରେସ ଏକ ବିଶ୍ୱାସ ଘାତକ ଦଳ। କ୍ଷମତା ପିପାସୁ କଂଗ୍ରେସ କେବଳ ଏହା ନିଜର ସହଯୋଗୀମାନଙ୍କୁ କେବଳ ପଛରୁ ଛୁରା ମାରିବା ଜାଣିଛି। ନିଜ ସ୍ୱାର୍ଥ ପାଇଁ ଯୋଡିହେଉଥିବା କଂଗ୍ରେସର ଅସଲ ମୁଖା ସମୟେ ସମୟେ ଦେଶବାସୀଙ୍କ ନିକଟରେ ଉତୁରିଯାଇଛି। ସେହିପରି ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ କରିବା, ଏବଂ ଆସାମ, ପୁଡୁଚେରୀରେ ବିଜେପିକୁ ମିଳିଥିବା ବିଜୟ ସମ୍ପର୍କରେ ମଧ୍ୟ ମୋଦୀ କହିଥିଲେ।

# ତାମିଲନାଡୁରେ 'ବିଜୟ' ରାଜ୍ ଆରମ୍ଭ

ଚେନ୍ନାଇ,(ଏଜେନ୍ସି): ତାମିଲଗା ଭେଟ୍ରି କାଝାଗାମ (ଟିଭିକେ) ମୁଖ୍ୟ ତଥା ଅଭିନେତାରୁ ନେତା ସାଜିଥିବା ଜୋସେଫ ବିଜୟ ଚନ୍ଦ୍ରଶେଖର (ଥଲାପତି ବିଜୟ ଭାବେ ପରିଚିତ) ତାମିଲନାଡୁର ନୂଆ ତଥା ୯ମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତାଙ୍କ ସହ ଅନ୍ୟ ୯ ଜଣ ମଧ୍ୟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏହି ୯ ମନ୍ତ୍ରୀଙ୍କ ମଧ୍ୟରେ ଏନ୍. ଆନନ୍ଦ, ଆଧବ ଅର୍ଜୁନ, ଡଃ କେ.ଜି. ଅରୁଣରାଜ, କେ.ଏ. ସେଙ୍ଗୋଟ୍ଟାଇୟନ, ପି. ଭେଙ୍କଟରମଣନ, ଆର୍. ନିର୍ମଳକୁମାର, ରାଜମୋହନ, ଡଃ ଟି.କେ. ପ୍ରଭୁ ଏବଂ ସେଲ୍‌ଭି ଏସ୍. କୀର୍ତ୍ତନା ପ୍ରମୁଖ ସାମିଲ ଅଛନ୍ତି। ଏମାନେ ସମସ୍ତେ ବିଜୟଙ୍କ ଦଳ ଟିଭିକେର ବିଧାୟକ। ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ମୁଖ୍ୟମନ୍ତ୍ରୀ ତଥା ଅନ୍ୟ ଅନ୍ୟ ମନ୍ତ୍ରୀମାନଙ୍କୁ ସେମାନଙ୍କ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ବିଜୟଙ୍କ ସମେତ ସମସ୍ତ ମନ୍ତ୍ରୀମାନେ ମଧ୍ୟ ନିଜ ମାତୃଭାଷା 'ତାମିଲ୍'ରେ ଶପଥ ପାଠ କରିଥିଲେ। ଶପଥ ସମାରୋହ ସୋମବାର (ମେ' ୧୦) ପୂର୍ବାହ୍ନ ୧୦:୧୫ ମିନିଟ୍ ସମୟରେ ଚେନ୍ନାଇର



ଜବାହରଲାଲ୍ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଆଜିର ଏହି ଶପଥ ସମାରୋହରେ ଯୋଗଦେଇଥିଲେ।

ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ପରେ ହିଁ ବିଜୟ ଆକ୍ସନ୍ ମୋଡ୍‌କୁ ଆସିଛନ୍ତି। ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରଥମ ସରକାରୀ ଦସ୍ତାବିଜ୍‌ରେ ସ୍ୱାକ୍ଷର କରିଛନ୍ତି। ଏଥିରେ ୨୦୦ ୟୁନିଟ୍ ମାଗଣା ବିଜୁଳି, ମହିଳା ସୁରକ୍ଷା ଦଳ ଏବଂ ଆଣ୍ଟି ଡ୍ରଗ୍ସ ସ୍କ୍ୱାଡ୍ ଗଠନ କରିବା ପାଇଁ ନିର୍ଦ୍ଦେଶ ସାମିଲ ରହିଛି। ମୁଖ୍ୟମନ୍ତ୍ରୀ ବିଜୟ ନିଜର ପ୍ରଥମ ଅଭିଭାଷଣରେ କହିଛନ୍ତି ଯେ, ସେ କୌଣସି ଶାହୀ ପରିବାରରୁ ଆସିନାହାଁନ୍ତି; ଲୋକମାନେ ହିଁ ତାଙ୍କୁ ସ୍ୱାଗତ କରିଛନ୍ତି ଏବଂ ଗ୍ରହଣ କରିଛନ୍ତି। ତେଣୁ ସେ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ପ୍ରତାରଣା କରିବେ ନାହିଁ। ଲୋକଙ୍କ ପାଇଁ କାମ କରିବାକୁ ସେ ରାଜନୀତିକୁ ଆସିଛନ୍ତି ଏବଂ ନିଷ୍ଠାର ସହ ସେ ନିଜ ଦାୟିତ୍ୱ ତୁଲାଇବେ। ଏଥିସହିତ ସେ ପୂର୍ବତନ ଡିଏମ୍‌କେ ସରକାରଙ୍କ ଉପରେ ରାଜ୍ୟକୁ ୧୦ ଲକ୍ଷ କୋଟି ଟଙ୍କାର ଋଣ ଭାରରେ ବୁଡ଼ାଇ ଦେଇଥିବା ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ବିଜୟ ତାଙ୍କ ଦଳକୁ ସରକାର ଗଠନରେ ସମର୍ଥନ ଦେଇଥିବାରୁ କଂଗ୍ରେସ, ଭିସିକେ ଏବଂ ବାମପନ୍ଥୀ ଦଳଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ତାମିଲନାଡୁ ବିଧାନସଭା ପାଇଁ ବର୍ତ୍ତମାନ ସମୟରେ ଟିଭିକେ ନେତା ଏମ୍.ଭି. କରୁପ୍ପୈୟାଙ୍କୁ ପ୍ରୋଟେମ୍ ବାଚସ୍ପତି ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ୧୩ ମେ'ରେ ବିଧାନସଭାରେ ସଂଖ୍ୟା ଗରିଷ୍ଠତା (ଆସ୍ଥା ଭୋଟ୍ ହାସଲ) ପ୍ରମାଣ କରିବାକୁ କହିଥିବା ସୂଚନା ମିଳିଛି।

୧୯୭୪, ୨୨ ଜୁନ୍‌ରେ ଜନ୍ମିତ ବିଜୟ (୫୧ ବର୍ଷ) ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ସମୟରେ ନିର୍ଦ୍ଧାରିତ ଧାଡ଼ି ବ୍ୟତୀତ ଅନ୍ୟ କଥା କହିବାକୁ ଲାଗିଥିଲେ। ଏଥିପାଇଁ ରାଜ୍ୟପାଳ ଆର୍ଲେକର ତାଙ୍କୁ ଅଟକାଇଥିଲେ ଏବଂ କେବଳ ନିର୍ଦ୍ଧାରିତ ଶପଥ ପାଠ ମଧ୍ୟରେ ସୀମିତ ରହିବାକୁ କହିଥିଲେ। ବିଜୟ ମଧ୍ୟ ରାଜ୍ୟପାଳଙ୍କ ଏହି ଅନୁରୋଧକୁ ସମ୍ମାନ ଜଣାଇ ଚୂଡାନ୍ତ ଭାଷଣ ହିଁ ପାଠ କରିଥିଲେ। ତେବେ ଦକ୍ଷିଣ ଭାରତୀୟ ରାଜ୍ୟ ରାଜନୀତି ଇତିହାସରେ ପ୍ରଥମ ଥର ପାଇଁ କୌଣସି ମୁଖ୍ୟମନ୍ତ୍ରୀଙ୍କୁ ସୁଟ୍‌ବୁଟ୍‌ରେ ଶପଥ ପାଠ କରିବା ଦେଖିବାକୁ ମିଳିଛି। ଆଜି ପର୍ଯ୍ୟନ୍ତ ସମସ୍ତ ମୁଖ୍ୟମନ୍ତ୍ରୀମାନେ ସେମାନଙ୍କ ପାରମ୍ପରିକ ପୋଷାକ 'ଧୋତି-ସାର୍ଟ୍' ପିନ୍ଧିକରି ହିଁ ଶପଥ ଗ୍ରହଣ କରିବା ଦେଖିବାକୁ ମିଳିଥାଏ। କିନ୍ତୁ ବିଜୟ ଆଜି କଳା ରଙ୍ଗର ବ୍ଲେଜର ଏବଂ ପ୍ୟାଣ୍ଟ୍ ପିନ୍ଧି ଶପଥ ସମାରୋହରେ ଯୋଗଦେଇଥିଲେ। ଶପଥ ସମାରୋହରେ ବିଜୟଙ୍କ ପରିବାର ସହ ଅଭିନେତ୍ରୀ ତ୍ରିଶା ମଧ୍ୟ ଯୋଗଦେଇଥିଲେ।

ଶପଥ ସମାରୋହରେ ଟିଭିକେକୁ ସମର୍ଥନ ଦେଇଥିବା କଂଗ୍ରେସର ଅନ୍ୟତମ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ଥିବା ରାହୁଲ ଗାନ୍ଧୀ ମଧ୍ୟ ଉପସ୍ଥିତ ରହିଥିଲେ। ଶପଥ ଗ୍ରହଣ ଶେଷ ହେବା ପରେ ପରେ ରାହୁଲ ଏବଂ ବିଜୟ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ, ଫୋନ୍ ଯୋଗେ ବିଜୟଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ହେବାର ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ବିଜୁ ଜନତା ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ବିଜୟଙ୍କୁ ଫୋନ୍ କରି ଶୁଭେଚ୍ଛା ଜଣାଇଥିବା ସୂଚନା ମିଳିଛି। ସେହିପରି ସିନେ ଜଗତର ଅନେକ ନାମୀଦାମୀ ଅଭିନେତା, ଅଭିନେତ୍ରୀ ମଧ୍ୟ ବିଜୟଙ୍କୁ ତାଙ୍କର ଏହି ନୂଆ ଇନିଂସ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ବିଜୟ ରାଜନୀତିକୁ ପ୍ରବେଶ କରିବା ସହ ଅଭିନୟ ଦୁନିଆକୁ ଅଲ୍‌ବିଦା କହିସାରିଛନ୍ତି। ତାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର 'ଜନନାୟଗଣ' ମୁକ୍ତି ଅପେକ୍ଷାରେ ଅଛି।

CMYK

ଜାତୀୟ ଚେତନା
JATIYA CHETANA



# କେରଳରେ ସରକାର ଗଠନ ସସ୍‌ପେନ୍ସ ବଳବତ୍ତର

## କାହାକୁ କରିବ ମୁଖ୍ୟମନ୍ତ୍ରୀ-ଚିନ୍ତାରେ କଂଗ୍ରେସ




ଥିରୁଅନନ୍ତପୁରମ,(ଏଜେନ୍ସି): ମେ' ୪ରେ ୫ଟି ରାଜ୍ୟର ନିର୍ବାଚନ ଫଳାଫଳ ଆସିବା ପରେ ବର୍ତ୍ତମାନ ସୁଦ୍ଧା ବେଙ୍ଗଲ ଏବଂ ତାମିଲନାଡୁରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସରିଛି। ପୁଡୁଚେରୀ ଏବଂ ଆସାମରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନାମ ଓ ଶପଥ ଗ୍ରହଣ ତାରିଖ ସ୍ଥିର ହୋଇସାରିଛି। କିନ୍ତୁ ଫଳାଫଳ ଆସିବାର ୬ ଦିନ ବିତିଯାଇଥିଲେ ମଧ୍ୟ କେରଳରେ ପୂର୍ଣ୍ଣ ବହୁମତ ପାଇଥିବା କଂଗ୍ରେସ ମେଣ୍ଟ ନିଜର ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିନାହିଁ। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ରିପୋର୍ଟ ଅନୁସାରେ କଂଗ୍ରେସ ଏଠାରେ କାହାକୁ ମୁଖ୍ୟମନ୍ତ୍ରୀ କରିବ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରୁନାହିଁ। ମୁଖ୍ୟମନ୍ତ୍ରୀ ଭାବେ ପ୍ରାର୍ଥୀ ଚୟନ କରିବାରେ କଂଗ୍ରେସ ଏବେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରୁଛି। କାରଣ ଏହା ଦଳରେ ଆଭ୍ୟନ୍ତରୀଣ କନ୍ଦଳ ସୃଷ୍ଟି କରିପାରେ, ଯାହାକି ପରବର୍ତ୍ତୀ ସମୟରେ ଦଳ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ।

ତେବେ କଂଗ୍ରେସର ସଂଗଠନ ମହାସଚିବ କେ.ସି. ବେଣୁଗୋପାଳ, ଗତ ବିଧାନସଭାର ବିରୋଧୀ ଦଳ ନେତା ଭି.ଡି. ସତୀଶନ ଏବଂ ୬ ଥରର ବିଧାୟକ ରମେଶ ଚେନ୍ନିଥାଲା ଏଠାରେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସବୁଠାରୁ ଆଗରେ ଅଛନ୍ତି। ଏହାରି ମଧ୍ୟରେ ବେଣୁଗୋପାଳଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦର୍ଶାଇ ତାଙ୍କ ସମର୍ଥକମାନେ ରାଜ୍ୟସାରା ପୋଷ୍ଟର ଛାଉଣୀ କରିଦେଇଥିବା ବେଳେ ଏହାକୁ ନେଇ କଂଗ୍ରେସ ହାଇକମାଣ୍ଡ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଫଳରେ ଆଜି ସୁଦ୍ଧା ଏପ୍ରକାର ଲଗାଯାଇଥିବା ବେଣୁଗୋପାଳଙ୍କ ସମସ୍ତ ପୋଷ୍ଟରକୁ ହଟାଇ ଦିଆଯାଇଛି। ପ୍ରକାଶ, ୬ ମେ'ରେ କଂଗ୍ରେସ ମୁକୁଲ ୱାସନିକ ଏବଂ ଅଜୟ ମାକନଙ୍କୁ ପର୍ଯ୍ୟବେକ୍ଷକ ଭାବେ କେରଳ ପଠାଇଥିଲା। ବୈଠକ ପରେ ସେମାନେ କହିଥିଲେ ଯେ ଆମେ ସମସ୍ତ ବିଧାୟକଙ୍କ ସହ ଆଲୋଚନା କରିଛୁ। ଦାବି କରାଯାଉଛି ଯେ ହାଇକମାଣ୍ଡଙ୍କୁ ଦିଆଯାଇଥିବା ରିପୋର୍ଟରେ ବିଧାୟକମାନେ କେ.ସି. ବେଣୁଗୋପାଳଙ୍କ ନାମରେ ମୋହର ମାରିଛନ୍ତି। ରିପୋର୍ଟ ଅନୁଯାୟୀ, କଂଗ୍ରେସର ୬୩ ଜଣ ବିଧାୟକଙ୍କ ମଧ୍ୟରୁ ୭୫-୮୦% ବିଧାୟକ କେ.ସି. ବେଣୁଗୋପାଳଙ୍କୁ ସମର୍ଥନ କରିଛନ୍ତି। ବେଣୁଗୋପାଳ ମୁଖ୍ୟମନ୍ତ୍ରୀ ହେଲେ ଇରିକ୍କୁର ଆସନରୁ ନିର୍ବାଚନ ଜିତିଥିବା ସନି ଜୋସେଫ ନିଜ ଆସନରୁ ଇସ୍ତଫା ଦେଇପାରନ୍ତି, ଯାହାଫଳରେ ବେଣୁଗୋପାଳ ସେହି ଆସନରୁ ଉପ-ନିର୍ବାଚନ ଲଢ଼ି ବିଧାୟକ ହୋଇପାରିବେ।

ଅନ୍ୟପକ୍ଷରେ, ବୈଠକରେ ଭି.ଡି. ସତୀଶନଙ୍କୁ ମାତ୍ର ୬ ଜଣ ବିଧାୟକଙ୍କ ସମର୍ଥନ ମିଳିଥିବା ସୂଚନା ମିଳିଛି। ତେବେ ବୈଠକ ପରେ ତିନିଜଣ ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ସତୀଶନଙ୍କ ନାମକୁ ସମର୍ଥନ କରିଛନ୍ତି। ଏହା ବ୍ୟତୀତ ୟୁଡିଏଫ୍‌ର ସହଯୋଗୀ ଦଳ ଆଇୟୁଏମ୍‌ଏଲ୍ ଏବଂ କେରଳ କଂଗ୍ରେସ (ଜୋସେଫ) ମଧ୍ୟ ଖୋଲାଖୋଲି ଭାବେ ସତୀଶନଙ୍କୁ ସମର୍ଥନ ଜଣାଇଛନ୍ତି। ଯଦି କଂଗ୍ରେସ ଏଠାରେ ସତୀଶନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ନକରେ ତେବେ କଂଗ୍ରେସ ଠାରୁ ଏହି ଆଞ୍ଚଳିକ ଦଳ ମଧ୍ୟ ମୁହଁ ଫେରାଇନେବା ଆଶଙ୍କା କରାଯାଉଛି।

# ହିମନ୍ତ ଏନ୍‌ଡିଏ ବିଧାୟକ ଦଳ ନେତା ନିର୍ବାଚିତ

ଗୁଆହାଟୀ,(ଏଜେନ୍ସି): ଆସାମରେ ପୁଣି ଚାଲିବ ହିମନ୍ତ ବିଶ୍ୱଶର୍ମାଙ୍କ ରାଜ୍। କାରଣ ସେ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଶ୍ରୀ ବିଶ୍ୱଶର୍ମା ରବିବାର ବିଜେପି ତଥା ଏନ୍‌ଡିଏ ବିଧାୟକ ଦଳର ନେତା ନିର୍ବାଚିତ ହୋଇଛନ୍ତି। ସେ ମେ' ୧୨ ତାରିଖରେ ଲଗାତାର ଦ୍ୱିତୀୟ ଥର ପାଇଁ ଆସାମର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ।

ଶ୍ରୀ ବିଶ୍ୱଶର୍ମା ବିଜେପି ତଥା ଏନ୍‌ଡିଏ ବିଧାୟକ ଦଳର ନେତା ନିର୍ବାଚିତ ହୋଇଥିବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ସୂଚନା ଦେଇଛନ୍ତି। ଆସାମ ବିଧାନସଭା ନିର୍ବାଚନ ପରେ ବିଜେପି ତଥା ଏନ୍‌ଡିଏର ବିଧାୟକ ଦଳ ନେତା ନିର୍ବାଚନ ପାଇଁ ଶ୍ରୀ ନଡ୍ଡାଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିଲା।

ଗୁହାହାଟୀରେ ଏନ୍‌ଡିଏର ନବନିର୍ବାଚିତ ବିଧାୟକମାନଙ୍କ ବୈଠକ ଶେଷ ହେବା ପରେ ଶ୍ରୀ ନଡ୍ଡା କହିଥିଲେ ଯେ ହିମନ୍ତ ବିଶ୍ୱଶର୍ମାଙ୍କୁ ବିଧାୟକ ଦଳ ନେତା କରିବା ପାଇଁ ବିଜେପିର ୮ ଜଣ ବିଧାୟକ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ବିଜେପିର ଅନ୍ୟ ବିଧାୟକଙ୍କ ସହିତ ଏନ୍‌ଡିଏରେ ସାମିଲ ଥିବା ଆସାମ ଗଣ ପରିଷଦ (ଏଜିପି) ନେତା ଅତୁଲ ବୋରା ଓ ବୋଡୋଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍)ର ରିଓନ ଡାଇମରୀ ପ୍ରମୁଖ ସମର୍ଥନ କରିଥିଲେ। ଫଳରେ ସର୍ବସମ୍ମତିକ୍ରମେ ହିମନ୍ତ ବିଶ୍ୱଶର୍ମା ବିଜେପି ତଥା ଏନ୍‌ଡିଏର ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିଲେ।

ଶ୍ରୀ ବିଶ୍ୱଶର୍ମା ମେ' ୧୨ ତାରିଖରେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ଥିବା ବେଳେ ଆଜି ସେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି କରିଛନ୍ତି। ଏହି ସମୟରେ ତାଙ୍କ ସହିତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଜେପି ନଡ୍ଡା ଉପସ୍ଥିତ ରହିଥିଲେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଲଗାତାର ତୃତୀୟ ଥର ପାଇଁ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଆସାମରେ ସରକାର ଗଠନ କରିବାକୁ ଯାଉଛି। ଆସାମ ବିଧାନସଭାରେ ୧୨୬ଟି ଆସନ ଥିବା ବେଳେ ଏନ୍‌ଡିଏ ୧୦୨ଟି ଆସନ ଜିତିଛି। ତା' ମଧ୍ୟରେ ବିଜେପି ସର୍ବାଧିକ ୮୨ଟି ଆସନ ରହିଛି। ବିଜେପି ପାଖରେ ଏକାକୀ ସରକାର ଗଠନ କରିବାର ମ୍ୟାଜିକ୍ ନମ୍ବର ରହିଛି। ଅନ୍ୟପକ୍ଷରେ ଏନ୍‌ଡିଏରେ ସାମିଲ ଏଜିପି ଓ ବିପିଏଫକୁ ୧୦ଟି ଲେଖାଏ ଆସନ ମିଳିଛି।

# ସୀମା ଲଂଘୁଛି ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା

କୋଲକାତା,(ଏଜେନ୍ସି): ନୂଆ ସରକାର ଗଠନ ପରେ ମଧ୍ୟ ପଶ୍ଚିମବଙ୍ଗରେ ହିଂସା ଥମିବାର ନା ଧରୁନି। ରାଜ୍ୟର ବିଭିନ୍ନ ସ୍ଥାନରୁ ହିଂସା ଏବଂ ରକ୍ତପାତର ଖବର ଏବେବି ଆସିବା ଜାରି ରହିଛି। ରାଜନୈତିକ ମହଲରେ ନୂତନ ନେତୃତ୍ୱ ବିଷୟରେ ଆଲୋଚନା ହେଉଥିବା ବେଳେ, ରାଜ୍ୟରେ ଏପ୍ରକାର ରକ୍ତପାତ ତଥା ନିର୍ବାଚନୀ ପରବର୍ତ୍ତୀ ହିଂସା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ରିପୋର୍ଟ ଅନୁସାରେ ସଦ୍ୟତମ ଘଟଣାକ୍ରମେ ଏବେ ଟିଏମ୍‌ସି ନେତା ସହଦେବ ବାଗ୍‌ଙ୍କୁ ହତ୍ୟା କରାଯାଇଛି। ଫଳରେ ପରିବେଶ ପୁଣି ଥରେ ଉଷ୍ମ ହୋଇଛି। ହୁଗୁଳିର ନକୁଣ୍ଡା ପଞ୍ଚାୟତର କୋଟା ଗାଁରୁ ସ୍ଥାନୀୟ ତୃଣମୂଳ କଂଗ୍ରେସ ନେତା ସହଦେବ ବାଗ୍‌ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି। ସହଦେବଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ପ୍ରାୟ ୬ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ମୃତକଙ୍କ ମଧ୍ୟରେ ଉଭୟ ବିଜେପି ଏବଂ ଟିଏମ୍‌ସି କର୍ମୀମର୍ତ୍ତା ସାମିଲ ରହିଥିବା ଦେଖିବାକୁ ମିଳୁଛି। ରିପୋର୍ଟ ଅନୁଯାୟୀ, ସହଦେବ ନିଖୋଜ ଥିଲେ ଏବଂ ତାଙ୍କ ପରିବାର ତାଙ୍କୁ ଖୋଜୁଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକମାନେ ତାଙ୍କ ମୃତଦେହ ପାର୍ଟି ଅଫିସ୍ ପଛପଟେ ଥିବା ଏକ ନାଳରେ ପଡ଼ିଥିବା ଦେଖିଥିଲେ। ସହଦେବଙ୍କ ମୃତ ଶରୀରରେ ଅନେକ କ୍ଷତ ଚିହ୍ନ ରହିଥିବା ବେଳେ ଏଥିରୁ ତାଙ୍କୁ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିବା ସ୍ପଷ୍ଟ ହେଉଛି। ସେହିପରି ଅନ୍ୟ ଏକ ରିପୋର୍ଟ ଅନୁସାରେ ପୂର୍ବ ମେଦିନୀପୁରର ଖେଜୁରିରେ ମଧ୍ୟ ପରିସ୍ଥିତି ବହୁତ ବିସ୍ଫୋରକ ହୋଇପଡ଼ିଛି। ନବଗଠିତ ସରକାରଙ୍କ ଶପଥ ଗ୍ରହଣର କିଛି ଘଣ୍ଟା ପରେ, ହିଜଲି ସରିଫ ଗାଁରେ ବ୍ୟାପକ ଭଙ୍ଗାରୁଜା ଏବଂ ପୋଡ଼ାଜଳା ଘଟିଥିଲା। ରିପୋର୍ଟ ଅନୁଯାୟୀ, ଶନିବାର ରାତିରେ କିଛି ଦୁର୍ବୃତ୍ତ ବଜାର ଉପରେ ଯୋଜନାବଦ୍ଧ ଆକ୍ରମଣ କରି କିଛି ସମୟ ମଧ୍ୟରେ ବହୁ ଦୋକାନ ପୋଡ଼ି ଦେଇଥିଲେ।

# ଉପସାଗରୀୟ ସଙ୍କଟରେ ଫସିଛନ୍ତି ୨୦ ହଜାରରୁ ଅଧିକ ଭାରତୀୟ ନାବିକ

ନୂଆଦିଲ୍ଲୀ,(ଏଜେନ୍ସି): ଉପସାଗର ଏବଂ ହର୍ମୁଜ୍ ପ୍ରଣାଳୀରେ ବଢୁଥିବା ଉତ୍ତେଜନା ମଧ୍ୟରେ, ୨୦ ହଜାରରୁ ଅଧିକ ଭାରତୀୟ ନାବିକ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ନ୍ୟାସନାଲ ୟୁନିଅନ୍ ଅଫ୍ ସିଫେରର୍ସ ଅଫ୍ ଇଣ୍ଡିଆ(ଏନ୍‌ୟୁଏସ୍‌ଆଇ) ଏସମ୍ପର୍କରେ ସୂଚନା ଦେଇଛି। ଏନ୍‌ୟୁଏସ୍‌ଆଇ ସାଧାରଣ ସମ୍ପାଦକ ମିଲିନ୍ଦ କାଣ୍ଡଲଗାଓଁକର କହିଛନ୍ତି ଯେ, ବିଦେଶୀ ପତାକାଯୁକ୍ତ ଜାହାଜରେ କାମ କରୁଥିବା ଭାରତୀୟ ନାବିକମାନଙ୍କ ସୁରକ୍ଷା ପାଇଁ ଦାୟିତ୍ୱକୁ ବହୁସଂଖ୍ୟକ ଏଜେନ୍ସି ମଧ୍ୟରେ ବିଭାଜିତ କରିବା ଦ୍ୱାରା ପରିସ୍ଥିତି ଆହୁରି ଜଟିଳ ହୋଇଛି। ସଂଘର୍ଷ ବୃଦ୍ଧି ପାଇବାର ସ୍ଥିତିରେ, ଜାହାଜରେ ନିୟୋଜିତ ଭାରତୀୟ ନାବିକମାନେ ଖାଦ୍ୟ, ଔଷଧ ଏବଂ ସୁରକ୍ଷିତ ସ୍ଥାନାନ୍ତର ବିନା ଫସି ରହିଛନ୍ତି। ଏହି ପରିସ୍ଥିତିକୁ ଜାତୀୟ ପ୍ରାଥମିକତା ଭାବରେ ବିଚାର କରି ତୁରନ୍ତ ନାବିକମାନଙ୍କୁ ସେଠାରୁ ସ୍ଥାନାନ୍ତର କରିବାକୁ ସଂଘ କେନ୍ଦ୍ର ସରକାରଙ୍କୁ ଦାବି କରିଛି। ସଂଗଠନ ଅନୁଯାୟୀ, ଉପସାଗର ଅଞ୍ଚଳରେ କାର୍ଯ୍ୟରତ ଭାରତୀୟ ନାବିକମାନେ ନିରନ୍ତର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ, ସାଇବର ବିପଦ ଏବଂ ସୁରକ୍ଷା ପ୍ରତିବନ୍ଧକ ମଧ୍ୟରେ କାମ କରୁଛନ୍ତି।

## ଟ୍ରମ୍ପ୍‌ଙ୍କ ଧମକର ଜବାବ ଦେଲା ଇରାନ୍

# ଆମେରିକୀୟ ଘାଟି ଏବଂ ଜାହାଜ ଆମ ଟାର୍ଗେଟ୍‌ରେ

ତେହରାନ, ୱାଶିଂଟନ,(ଏଜେନ୍ସି): ଇରାନ୍‌ର ଇସ୍‌ଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍) ଆମେରିକାକୁ କଡ଼ା ଚେତାବନୀ ଦେଇଛି। ଆଇଆର୍‌ଜିସିର ନୌସେନା କମାଣ୍ଡ 'ଏକ୍ସ' ରେ ଏକ ପୋଷ୍ଟ କରି କହିଛି ଯେ, ଯଦି ପାରସ୍ୟ ଉପସାଗର କିମ୍ବା ହର୍ମୁଜ ପ୍ରଣାଳୀରେ ଇରାନ୍‌ର ତୈଳ ଟ୍ୟାଙ୍କର ଏବଂ ବାଣିଜ୍ୟିକ ଜାହାଜ ଉପରେ ପୁଣି ଆକ୍ରମଣ ହୁଏ, ତେବେ ଆମେରିକୀୟ ଘାଟି ଏବଂ ସାମରିକ ଜାହାଜ ଉପରେ ଭୟଙ୍କର ଆକ୍ରମଣ କରାଯିବ। ସେହିପରି ଆଇଆର୍‌ଜିସିର ଏରୋସ୍ପେସ୍ ଫୋର୍ସ ଏକ ପୃଥକ ପୋଷ୍ଟରେ ଦାବି କରିଛି ଯେ, ଆମର ମିସାଇଲ ଏବଂ ଡ୍ରୋନ୍ ପୂର୍ବରୁ ହିଁ ଆମେରିକୀୟ ଘାଟି ଏବଂ ଶତ୍ରୁ ଜାହାଜ ଗୁଡ଼ିକ ଉପରେ ଲକ୍ ହୋଇସାରିଛି ଏବଂ ବର୍ତ୍ତମାନ କେବଳ ଆକ୍ରମଣ ପାଇଁ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି।

ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ ଅନୁଯାୟୀ, ଆମେରିକା ଏକ ୧୪-ପଏଣ୍ଟ ବିଶିଷ୍ଟ ଡ୍ରାଫ୍ଟ ପ୍ରସ୍ତୁତ କରି ଇରାନ୍‌କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଏହା ଉପରେ ଇରାନର ଜବାବକୁ ଅପେକ୍ଷା କରାଯାଇଛି। ରାଷ୍ଟ୍ରପତି ଟ୍ରମ୍ପ ପୂର୍ବରୁ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ କହିଥିଲେ ଯେ ଶନିବାର ସକାଳ ସୁଦ୍ଧା ଜବାବ ମିଳିବାର ଆଶା ଅଛି। ତଥାପି, ଇରାନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଜବାବ ଆସିନାହିଁ। ଇରାନ୍ ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ଇସ୍‌ମାଇଲ ବଘାଇ କହିଛନ୍ତି ଯେ, ଆମେରିକୀୟ ପ୍ରସ୍ତାବ ବର୍ତ୍ତମାନ ସମୀକ୍ଷା ପର୍ଯ୍ୟାୟରେ ଅଛି ଏବଂ ସଠିକ୍ ସମୟରେ ଏହାର ଉତ୍ତର ଦିଆଯିବ। ବଘାଇ ସ୍ପଷ୍ଟ କରିଛନ୍ତି ଯେ, 'ଆମେ ଆମେରିକାର ସମୟସୀମାକୁ ମାନୁନାହୁଁ। ଇରାନ ନିଜ କାମ ନିଜ ଢଙ୍ଗରେ କରିବ।' ତେବେ ଏହାରି ମଧ୍ୟରେ ଆସନ୍ତା ସପ୍ତାହରେ ଇସଲାମାବାଦ୍‌ରେ ଦୁଇ ଦେଶ ମଧ୍ୟରେ ନୂତନ ବାର୍ତ୍ତାଳାପ ହୋଇପାରେ ବୋଲି ଏକ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି।

ଆମେରିକା ଦାବି କରିଛି ଯେ ସେମାନେ ୭୦ରୁ ଅଧିକ ଜାହାଜକୁ ଇରାନ ବନ୍ଦରରେ ପହଞ୍ଚିବାରୁ ରୋକିଛନ୍ତି। ସେହିପରି ଆମେରିକାର ମଧ୍ୟସ୍ଥତାରେ ୧୪-୧୫ ମେ'ରେ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ନୂଆ ଆଲୋଚନା ହେବ। ଏଥିରେ ସୀମା ବିବାଦ, ପୁନର୍ନିର୍ମାଣ ଏବଂ ହିଜବୁଲ୍ଲାର ଅସ୍ତ୍ରଶସ୍ତ୍ର ଭଳି ପ୍ରସଙ୍ଗରେ ଆଲୋଚନା କରାଯିବ। କିନ୍ତୁ ଏପଟେ ଦକ୍ଷିଣ ଲେବାନନରେ ଇସ୍ରାଏଲର ବିମାନ ଏବଂ ଡ୍ରୋନ୍ ଆକ୍ରମଣରେ ଗୋଟିଏ ଦିନରେ ପ୍ରାୟ ୩୯ ଜଣଙ୍କର ମୃତ୍ୟୁ ହୋଇଛି। ଅନେକ ଆବାସିକ କୋଠାକୁ ଟାର୍ଗେଟ କରାଯାଇଛି ଏବଂ ହିଜବୁଲ୍ଲା ମଧ୍ୟ ଇସ୍ରାଏଲ ଉପରେ ଡ୍ରୋନ୍ ଓ ରକେଟ୍ ଆକ୍ରମଣ କରିଥିବା ଦାବି କରିଛି। ସୂଚନାଯୋଗ୍ୟ, ହର୍ମୁଜ ସଙ୍କଟ ତଥା ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୩ ଡଲାରରେ ପହଞ୍ଚିଛି। ଜାତିସଂଘ ଏବଂ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଏହାଦ୍ୱାରା ଖାଦ୍ୟ ପଦାର୍ଥ, ଇନ୍ଧନ ଏବଂ ଆମଦାନୀ ଦ୍ରବ୍ୟ ମହଙ୍ଗା ହୋଇପାରେ, ବିଶେଷ କରି ଦକ୍ଷିଣ ଏସିଆରେ। ଏହାରି ମଧ୍ୟରେ ପାନାମା ପତାକା ଲଗାଯାଇଥିବା ଏକ କାର୍ଗୋ ଜାହାଜ ଇରାନ ଦ୍ୱାରା ନିର୍ଦ୍ଧାରିତ ପଥରେ ହର୍ମୁଜ ଅତିକ୍ରମ କରିଛି। ରିପୋର୍ଟରେ କୁହାଯାଇଛି ଯେ, ଏହି ଜାହାଜଟି ମେ' ୪ ତାରିଖରେ ମଧ୍ୟ ହର୍ମୁଜ ଦେଇ ଯିବାକୁ ଚେଷ୍ଟା କରିଥିବା ବେଳେ ଇରାନ ସେନା କିନ୍ତୁ ଏହାକୁ ଫେରାଇ ଦେଇଥିଲେ।

ଜାତୀୟ ଚେତନା
JATIYA CHETANA



# ବାଲିଅନ୍ତା ବର୍ବରତା

## ଖୋଲତାଡ଼ ଆରମ୍ଭ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,(ଜା.ପ୍ର): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟି ପିଟି ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ଖୋଲତାଡ଼ ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚ ଏହି ହତ୍ୟା ମାମଲାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ ସରଜମିନ୍ ତଦନ୍ତ ଆରମ୍ଭ କରିଛି। ବାଲିଅନ୍ତା ଥାନାରେ ଦୁଇ ପକ୍ଷର ଏତଲାକୁ ନେଇ ରୁଜୁ ହୋଇଥିବା ଦୁଇ ପୃଥକ ମାମଲାର ପୂର୍ଣ୍ଣ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଦୁଇ ନୂଆ ପୃଥକ ମାମଲା ମଧ୍ୟ ପଞ୍ଜିକୃତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ରବିବାର ବାଲିଅନ୍ତା ଥାନାରେ ପହଞ୍ଚିଥିଲା କ୍ରାଇମବ୍ରାଞ୍ଚ ଟିମ୍। ତଦନ୍ତ ଦାୟିତ୍ୱ ନେବା ପରେ କ୍ରାଇମବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟଙ୍କ ନେତୃତ୍ୱରେ ବାଲିଅନ୍ତା ଥାନାରେ ଟିମ୍ ପହଞ୍ଚିଥିଲା। ଅନିରୁଦ୍ଧ ରାଉତରାୟ ଟିମ୍ ସହ ବାଲିଅନ୍ତା ଥାନା ଯାଇଥିଲେ। ସେ ଥାନାଧିକାରୀ ଓ ଅନ୍ୟ ଅଫିସରଙ୍କ ସହ ଆଲୋଚନା କରିଥିଲେ। ଏଥିସହ ମାମଲା ସମ୍ବନ୍ଧୀୟ ତଥ୍ୟ ମଧ୍ୟ ନେଇଥିଲେ। ସେଦିନ କେମିତି ଘଟିଥିଲା ଘଟଣା ? ସ୍ଥଳରେ ଉପସ୍ଥିତ ଥାଇ କ'ଣ କରୁଥିଲା ପୁଲିସ ? ସୌମ୍ୟଙ୍କ ହାତ ଗୋଡ଼ ବାନ୍ଧିବା ପାଇଁ ଲୋକେ କେଉଁଠୁ ଆଣିଥିଲେ ଦଉଡ଼ି ? କାହିଁକି ମାଡ଼ମାରି ସୌମ୍ୟଙ୍କୁ କରିଥିଲେ ଦରମରା ? ଆମ୍ବୁଲାନ୍ସ ବଦଳରେ କାହିଁକି ଅମାନୁଷିକ ଭାବେ ବୁହା ଯାଇଥିଲା ଟ୍ରକ୍ ଡାଲାରେ ? ବାଲିଅନ୍ତା ଥାନା କନେଷ୍ଟବଲ ରାମଚନ୍ଦ୍ର ବେହେରାଙ୍କ ସମେତ ଜଣେ ଏସ୍‌ଆଇ, ଏଏସ୍‌ଆଇ, ଓଏପିଏଫ କନେଷ୍ଟବଲଙ୍କଠୁ ତଥ୍ୟ ଆଦାୟ କରିଛି କ୍ରାଇମବ୍ରାଞ୍ଚ ଟିମ୍। କାରଣ ଘଟଣାଦିନରେ ଏମାନେ ହିଁ ଡ୍ୟୁଟିରେ ଥିଲେ। ତାସହ ରାମଚନ୍ଦ୍ର ମଧ୍ୟ ଘଟଣାସ୍ଥଳରେ ଥିଲେ। ଏ ସମସ୍ତଙ୍କଠାରୁ ଅନେକ ପ୍ରମାଣ ପାଇଛି ତଦନ୍ତକାରୀ ଟିମ୍। ପାଖରେ ଗୋରୁ ବନ୍ଧା ହେବା ପାଇଁ ଥିବା ଖୁଣ୍ଟରୁ ଦଉଡ଼ି ଆଣି ସୌମ୍ୟଙ୍କ ହାତଗୋଡ଼କୁ ବାନ୍ଧିଥିଲେ ଲୋକେ। କ୍ରାଇମବ୍ରାଞ୍ଚ ଏସପି ଗଣମାଧ୍ୟମକୁ ତଦନ୍ତ ବିଷୟରେ କୌଣସି ସୂଚନା ଦେବାକୁ ମନା କରିଥିଲେ। ତେବେ ତଥ୍ୟ ଓ ସତ୍ୟ ଆଧାରରେ ତଦନ୍ତ ହେବ ବୋଲି କ୍ରାଇମବ୍ରାଞ୍ଚ ଏସପି ଶ୍ରୀ ରାଉତରାୟ କହିଛନ୍ତି। ସେହିପରି କ୍ରାଇମବ୍ରାଞ୍ଚର ଅନ୍ୟ ଏକ ଟିମ୍ ରାମଚନ୍ଦ୍ରପୁର କାଜ ନିକଟସ୍ଥ ଘଟଣାସ୍ଥଳକୁ ଯାଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହ କ୍ରାଇମବ୍ରାଞ୍ଚ ଟିମ୍ ସେଠାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଛି। ଅନ୍ୟପଟେ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ରଖି କ୍ରାଇମବ୍ରାଞ୍ଚ ଡିଆଇଜି ବି ଗଙ୍ଗାଧର କହିଛନ୍ତି ଯେ ତଦନ୍ତ ପାଇଁ ୧୦ ଅଫିସରଙ୍କୁ ନେଇ ୨ଟି ଟିମ୍ ଗଠନ କରାଯାଇଛି । ତଦନ୍ତରେ ସାଇଣ୍ଟିଫିକ, ସାଇବର ଟିମ୍ ଓ ଡଗ୍ ସ୍କ୍ୱାଡ୍‌କୁ ସାମିଲ କରାଯାଇଛି । ଦୁଷ୍କର୍ମ, ହତ୍ୟା ଓ ପୁଲିର ଅବହେଳାକୁ ନେଇ ତଦନ୍ତ କରାଯିବ। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି କହିଛନ୍ତି। ମୃତ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ବାପା କୈଳାସଙ୍କ ପକ୍ଷରୁ ଦିଆଯାଇଥିବା ଏତଲାକୁ ଆଧାର କରି ବାଲିଅନ୍ତା ଥାନା ଏକ ମାମଲା (ନଂ.୨୨୧/୨୦୨୬) ରୁଜୁ କରିଥଲା। ଏହାକୁ ନେଇ କ୍ରାଇମବ୍ରାଞ୍ଚ ନଂ.୬/୨୦୨୬ରେ ଏକ କେସ୍ ରୁଜୁ କରିଛି। ସେହିପରି ପୀଡିତାଙ୍କ ପକ୍ଷରୁ ଏତଲାକ୍ରମେ ଥାନା ପକ୍ଷରୁ ମାମଲା (ନଂ.୨୨୦/୨୦୨୬) ରୁଜୁ କରିଥିଲା ଏବଂ ଏହାକୁ ନେଇ କ୍ରାଇମବ୍ରାଞ୍ଚ ନଂ.୭/୨୦୨୬ରେ ମାମଲା ରୁଜୁ କରିଛି। ତେବେ ଏବେ ସୁଦ୍ଧା ଏହି ମାମଲାରେ ୧୧ ଜଣଙ୍କୁ ଗିରଫ କରାଯାଇଛି। ଭାଇରାଲ୍ ଭିଡିଓ ଫୁଟେଜ ୪୧ ଜଣଙ୍କୁ ପୁଲିସ ଚିହ୍ନଟ କରିଛି। ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି।

## ଏସ୍‌ଆଇଙ୍କ ସମେତ ୪ ନିଲମ୍ବିତ, ବଦଳିଲେ ବାଲିଅନ୍ତା ଥାନା ଆଇଆଇସି

ଭୁବନେଶ୍ୱର,(ଜା.ପ୍ର): ବାଲିଅନ୍ତାରେ ସୌମ୍ୟ ରଞ୍ଜନ ହତ୍ୟା ଘଟଣାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ବାଲିଅନ୍ତା ବର୍ବର କାଣ୍ଡରେ ବଡ଼ ଆକ୍ସନ। ଶନିବାର ସିଏମ୍‌ଙ୍କ ବୈଠକ, ରବିବାର କାର୍ଯ୍ୟାନୁଷ୍ଠାନ। ବଦଳିଲେ ଥାନା ଆଇଆଇସି, ଚାକିରିରୁ ବିଦା ହେଲେ ୨ ହୋମଗାର୍ଡ, ସସ୍‌ପେଣ୍ଡ ହେଲେ ୪ ପୁଲିସ କର୍ମଚାରୀ। ଏକାସଙ୍ଗେ ୭ ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଚରମ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ଘଟଣାରେ ପୁଲିସର ଅବହେଳା ଓ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ରବିବାର ବାଲିଅନ୍ତା ଥାନା ଆଇଆଇସି ଅନୀଲ ପରିଡ଼ାଙ୍କୁ ବଦଳି କରାଯାଇଛି। ଶ୍ରୀ ପରିଡ଼ାଙ୍କୁ ୟୁପିଡି , ଭୁବନେଶ୍ୱର ମୁଖ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ରଶ୍ମିତା ବେହେରାଙ୍କୁ ନିଯୁକ୍ତି ମିଳିଛି। ତା' ସହିତ ଥାନାର ୪ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ଏସ୍‌ଆଇ, ଜଣେ ଏଏସ୍‌ଆଇ, ଜଣେ ଓଏପିଏଫ କର୍ମଚାରୀ ଓ ଜଣେ କନଷ୍ଟେବଲ ଅଛନ୍ତି। ସେହିପରି ୨ ଜଣ ହୋମଗାର୍ଡଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ପ୍ରଶାସନୀୟ ସୂଚନା ଅନୁଯାୟୀ, ଘଟଣା ସମୟରେ କାର୍ଯ୍ୟରେ ଅବହେଳା ଓ ଶାନ୍ତି-ଶୃଙ୍ଖଳା ରକ୍ଷାରେ ଅସଫଳତାକୁ ନେଇ ଏହି କଠୋର ପଦକ୍ଷେପ ନିଆଯାଇଛି। ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ଆଜି କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେବା ପରେ ବାଲିଅନ୍ତା ଥାନାର ଏହି ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ପୁଲିସ୍ ଟିମ୍‌ର ଉପସ୍ଥିତିରେ ଜିଆରପି କନ୍‌ଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଲୋକେ ପିଟି ଥିବା ଅଭିଯୋଗ ହୋଇଥିଲା। ଲୋକେ ତାଙ୍କୁ ମନଇଚ୍ଛା ପିଟୁଥିବା ବେଳେ ପୁଲିସ ନୀରବଦ୍ରଷ୍ଟା ପାଲଟିଥିଲା। ଏମିତିକି ଜଣେ ଏସ୍‌ଆଇଙ୍କ ନିର୍ଦ୍ଦେଶରେ ସୌମ୍ୟଙ୍କୁ ଗୋଡ଼ହାତ ବନ୍ଧା ଅବସ୍ଥାରେ ଏକ ବାଉଁଶରେ ଭାର କରି ଏକ ମିନି ଟ୍ରକ୍‌ରେ ପକାଇ ଡାକ୍ତରଖାନା ନିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୧ ଜଣଙ୍କୁ ଗିରଫ କରାଯାଇଛି। ଦୁଇ ଜଣ ଯୁବତୀଙ୍କୁ ମୃତ ସୌମ୍ୟ ଅସଦାଚରଣ କରିବା ସହ ମାଡ଼ମାରିଥିବା ତଥା ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି କଥାକୁ ନେଇ ଘଟଣାସ୍ଥଳରେ ଜମା ହୋଇଥିବା ଲୋକେ ସୌମ୍ୟଙ୍କୁ ପିଟି ପିଟି ମାରି ଦେଇଥିଲେ।

## ଅପରାଧ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ଡିଜିପିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,(ଜା.ପ୍ର): ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଆଇନ-ଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ, ସାଧାରଣ ଲୋକଙ୍କ ସହ ପୁଲିସର ସମନ୍ୱୟ ଏବଂ ପୁଲିସିଂ ବ୍ୟବସ୍ଥାକୁ ଆହୁରି ସକ୍ରିୟ ଓ ଲୋକାଭିମୁଖୀ କରିବା ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଡିଜିପି ସମସ୍ତ ଜିଲ୍ଲାର ଏସ୍‌ପି ଏବଂ ରେଞ୍ଜ ଆଇଜି/ଡିଆଇଜିମାନଙ୍କୁ ଅପରାଧ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଓ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିବା ସହ ଜନସାଧାରଣଙ୍କ ସହ ପୁଲିସର ଆସ୍ଥା ଓ ସମନ୍ୱୟକୁ ଆହୁରି ମଜବୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜରୁରୀକାଳୀନ ସହାୟତା ଯାନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ବୃତ୍ତିଗତ ଓ ବ୍ୟବହାରିକ ତାଲିମ ପ୍ରଦାନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏପରି ତାଲିମ ଦ୍ୱାରା ଜଟିଳ ଓ ଜରୁରୀ ପରିସ୍ଥିତିରେ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ତ୍ୱରିତ ପ୍ରତିକ୍ରିୟା କ୍ଷମତା ଆହୁରି ବୃଦ୍ଧି ପାଇବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହା ସହ ପ୍ରତିଦିନ ପୂର୍ବାହ୍ନ ୯ଟା ପୂର୍ବରୁ ରାଜ୍ୟର ସମସ୍ତ ଥାନାରେ ନିୟମିତ ଭାବେ "ବ୍ରିଫିଂ ପରେଡ୍" ଅନୁଷ୍ଠିତ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହାର ସଠିକ୍ ପାଳନ ଏବଂ ନିୟମିତ ମନିଟରିଂ ସୁନିଶ୍ଚିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ବ୍ରିଫିଂ ପରେଡ୍ ପରେ ସମ୍ପୃକ୍ତ ଥାନା ଅଞ୍ଚଳର ଆଇନ-ଶୃଙ୍ଖଳା ପରିସ୍ଥିତି, ଅପରାଧ ପ୍ରବଣ ଅଞ୍ଚଳ, ଅପରାଧୀଙ୍କ ଚଳଚଳନ ଏବଂ ଚାଲୁଥିବା ତଦନ୍ତ ସମ୍ପର୍କରେ ସମୀକ୍ଷା ଓ ଆଲୋଚନା କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହା ଦ୍ୱାରା ଥାନା ସ୍ତରରେ ସମନ୍ୱୟ, ସତର୍କତା ଓ ତ୍ୱରିତ ପ୍ରତିକ୍ରିୟା କ୍ଷମତା ଆହୁରି ସୁଦୃଢ଼ ହେବ ବୋଲି ସେ କହିଥିଲେ। ଏହା ବ୍ୟତୀତ ରାଜ୍ୟରେ ଆଇନ-ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ପାଇଁ ଡିଜିପି ବିଭିନ୍ନ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଜାରି ଥିବା ଏନ୍‌ବିଡବ୍ଲ୍ୟୁ ଗୁଡ଼ିକର ତ୍ୱରିତ କାର୍ଯ୍ୟକାରୀ, ଦୁର୍ଦ୍ଦାନ୍ତ ଓ ଅଭ୍ୟାସଗତ ଅପରାଧୀମାନଙ୍କ ବିରୋଧରେ ଏନ୍‌ଏସ୍‌ଏ ଅଧୀନରେ କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ନିଶାଦ୍ରବ୍ୟ କାରବାର ରୋକିବା ପାଇଁ ଜୋରଦାର ଚଢ଼ଉ ଅଭିଯାନ ଚଲାଇବାକୁ ସେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସମସ୍ତ ଥାନା ଅଞ୍ଚଳରେ ବିଟ୍ ପେଟ୍ରୋଲିଂକୁ ଆହୁରି ସକ୍ରିୟ କରିବା, ଜାତୀୟ ରାଜପଥରେ ନିୟମିତ ପେଟ୍ରୋଲିଂ ବୃଦ୍ଧି କରିବା ସହ ଅସଦାଚରଣ ଓ ଅପରାଧ ପ୍ରବଣ ଘଟଣା ରୋକିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ହତ୍ୟା ଭଳି ଗୁରୁତର ମାମଲାଗୁଡ଼ିକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ଦ୍ୱାରା ନିୟମିତ ଭାବେ ମନିଟରିଂ କରି ଅଭିଯୁକ୍ତଙ୍କ ଶୀଘ୍ର ଗିରଫଦାରୀ, ଦୃଢ ତଦନ୍ତ ଏବଂ ଆଇନ ଅନୁଯାୟୀ ଦଣ୍ଡାଦେଶ ସୁନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ପୁଲିସର ସକାରାତ୍ମକ କାର୍ଯ୍ୟ, ତ୍ୱରିତ ପଦକ୍ଷେପ ଓ ଜନସେବାମୂଳକ ଭୂମିକା ସମ୍ପର୍କରେ ସାଧାରଣ ଲୋକ ଅବଗତ ହେବା ଉଚିତ ବୋଲି ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ବୈଠକରେ ଡିଜିପି(କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଗୁଇନ୍ଦା(ନିର୍ଦ୍ଦେଶକ) ଆର.ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର ଡ଼. ଏସ ଦେବଦତ୍ତ ସିଂ, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

## ୧୯୪ କୋଟିର ପ୍ରକଳ୍ପ ଭେଟିଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର




ଭୁବନେଶ୍ୱର,(ଜା.ପ୍ର): ସମ୍ବଲପୁର ହେଉଛି ଅପାର ସମ୍ଭାବନାର ଅଞ୍ଚଳ ଏବଂ ଏହି ମାଟିର ସର୍ବାଙ୍ଗୀନ ବିକାଶ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଏହି ସଂକଳ୍ପକୁ ପାଥେୟ କରି ରେଢଖୋଲ ନିର୍ବାଚନମଣ୍ଡଳୀର ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆଜି ପ୍ରାୟ ୧୯୪ କୋଟି ଟଙ୍କାର ୪୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ନାକଟିଦେଉଳରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରର ମାଟି ହେଉଛି ବୀର ସଂଘର୍ଷର ମାଟି। ଏହି ମାଟିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆ ଇଂରେଜମାନଙ୍କ ବିରୋଧରେ ସାଲିସବିହୀନ ଲଢ଼େଇ କରିଥିଲେ ଏବଂ ସ୍ୱାଭିମାନ ସହ ବୁଝାମଣା ନକରି ଦେଶମାତୃକା ପାଇଁ ନିଜର ବଳିଦାନ ଦେଇଥିଲେ। ତାଙ୍କର ବୀରତ୍ୱ, ଶୌର୍ଯ୍ୟ ଓ ପରାକ୍ରମ ଅତୁଳନୀୟ। ସେ କହିଛନ୍ତି, ମା' ସମଲେଇଙ୍କ ଆଶୀର୍ବାଦରୁ ଆଜି ରେଢ଼ାଖୋଲ, ନାକଟିଦେଉଳ ଏବଂ ଯୁଯୁମୁରା ବ୍ଲକର ଉନ୍ନତି ପାଇଁ ପ୍ରାୟ ୯.୧୭ କୋଟି ଟଙ୍କାର ୧୭ଟି ପ୍ରକଳ୍ପ ଲୋକାର୍ପିତ ହୋଇଥିବା ବେଳେ ପ୍ରାୟ ୧୮୪.୬୯ କୋଟି ଟଙ୍କାର ୩୧ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ୮.୩୦ କୋଟି ଟଙ୍କା ବ୍ୟୟରେ ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍‌ର ବିକାଶ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନାକଟିଦେଉଳ ଠାରେ ପ୍ରାୟ ୧୮ କୋଟି ଟଙ୍କା ବ୍ୟୟରେ କମ୍ୟୁନିଟି ହେଲଥ୍ ସେଣ୍ଟର ଭବନର ନୂତନ ଗୃହ ସହ ବିପିଏଚୟୁ ୟୁନିଟ୍ ପାଇଁ ଶିଳାନ୍ୟାସ ହୋଇଛି। ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୧୬.୧୦ କୋଟି ଟଙ୍କା ବ୍ୟୟରେ ଏକ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି। ୪୭.୨୪ କୋଟି ଟଙ୍କା ବ୍ୟୟରେ ରେଢ଼ାଖୋଲ ବ୍ଲକ ଅଧୀନରେ ଆସୁଥିବା ରାମପୁର-ଗିରିଶଚନ୍ଦ୍ରପୁର ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି, ଯାହା ଅଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ଆହୁରି ସହଜ କରିବ। ସେହିପରି ରେଢାଖୋଲରେ ସବ୍-ଡିଭିଜନାଲ ଭେଟେରିନାରୀ ହସ୍ପିଟାଲ ଓ ଚାରମାଳ ଠାରେ ଭେଟେରିନାରୀ ଡିସପେନ୍ସାରୀ ଏବଂ ଯୁଯୁମୁରା ବ୍ଲକରେ ଚାମୁଣ୍ଡା-ବୁର୍ଦ୍ଦା ଓ ଏନ୍‌ଏଚ୍-୬ରୁ ମରାଙ୍ଗାବାହାଲ ରାସ୍ତାର ଉନ୍ନତିକରଣ ସହ ସରାପାଲି ଓ ଜାମୁଝରିଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ବିକାଶ କାର୍ଯ୍ୟକୁ ଗତିଶୀଳ କରିବ।

ନାକଟିଦେଉଳ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାରୁ ଭାରତ ସରକାର ଏହାକୁ 'ଆକାଂକ୍ଷୀ ବ୍ଲକ' ଭାବେ ଚୟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଞ୍ଚଳରେ ଦୁଗ୍ଧ ଚାଷ, ପନିପରିବା ଓ ଆମ୍ବ ଚାଷକୁ ବ୍ୟାପକ କରି ସ୍ଥାନୀୟ ଚାଷୀଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ରେଢ଼ାଖୋଲ, ନାକଟିଦେଉଳ ଏବଂ ଯୁଯୁମୁରା ସମେତ ସମଗ୍ର ସମ୍ବଲପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସେ ଦୋହରାଇଛନ୍ତି। ଏହି ବିକାଶମୂଳକ କାର୍ଯ୍ୟ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶା ସରକାରଙ୍କୁ ବିଶେଷ ଭାବରେ ଧନ୍ୟବାଦ ଜଣାଇଛନ୍ତି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଓଡ଼ିଶାର ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଆଇଜି ହିମାଂଶୁ ଲାଲ, ଏସ୍‌ପି ମୁକେଶ ଭାମ୍ବୁ, ପିଡି ପ୍ରସନ୍ନ ପାତ୍ର, ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ, ଡିଏଫଓ ଏଲାବରେଶନ କେ. , ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ,ଏନୟଏସି ଅଧ୍ୟକ୍ଷ ଶିବରାମ ସାହୁ, ବିଜେପି ନେତା ରାମ ଚନ୍ଦ୍ର ମେହେର, ନାଉରୀ ନାଏକ, ଦେବେନ୍ଦ୍ର ମହାପାତ୍ର , ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପା ରାଣୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

ଜାତୀୟ ଚେତନା
JATIYA CHETANA

# ଚାକିରିରେ ସଂରକ୍ଷଣର ସୀମା

ସ୍ୱାଧୀନତା ପରେ ଯେତେବେଳେ ନୂଆ ସମ୍ବିଧାନ ପ୍ରଣୟନ କରାଗଲା ଓ ହଜାର ହଜାର ବର୍ଷ ଧରି ସମାଜରେ ପଛୁଆ ହୋଇ ପଡ଼ିଥିବା ଜାତିମାନଙ୍କୁ, ଅନ୍ୟମାନଙ୍କର ସମକକ୍ଷ ହେବା ପାଇଁ ସରକାରୀ ଚାକିରି ଓ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଆରକ୍ଷଣର ସୁବିଧା ଦିଆଗଲା, ସେତେବେଳେ ଧାରଣା ସୃଷ୍ଟି ହୋଇଥିଲା ଯେ, କେତେ ଦଶନ୍ଧି ପରେ ସମସ୍ତେ ପାଖାପାଖି ସମାନ ହୋଇଯିବେ ଓ ତା' ପରେ ଏ ଦେଶରୁ ଆରକ୍ଷଣ ବ୍ୟବସ୍ଥା ଲୋପ ପାଇଯିବ। କିନ୍ତୁ ଦେଖାଯାଉଛି ତାହା ନ ହୋଇ ବରଂ ଫଳ ଓଲଟା ହେବାକୁ ଯାଉଛି।

ଗତ ୨୦୧୮ରେ ମହାରାଷ୍ଟ୍ର ବିଧାନସଭାରେ ଗୃହୀତ ହୋଇଥିବା ଏସ.ଇ.ବି.ସି. (ସାମାଜିକ ଓ ଶିକ୍ଷାଗତ ପଛୁଆ ଜାତି) ଆଇନରେ ମରାଠା ଜାତିର ଲୋକଙ୍କୁ ସେଠାକାର ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନମାନଙ୍କରେ ୧୬% ଆରକ୍ଷଣ ଦିଆଯିବାର ବ୍ୟବସ୍ଥା ଥିଲା। ସେଠାକାର ବିଧାନସଭା ଓ ବିଧାନ ପରିଷଦରେ ଗୋଟିଏ ଦିନ ମଧ୍ୟରେ ଏହି ଆଇନ ଗୃହୀତ ହୋଇଥିଲା। ଏହା ୧୯୯୨ରେ ଇନ୍ଦିରା ସାହ୍ନି ମାମଲାରେ ସୁପ୍ରିମ କୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ରାୟକୁ ଭଙ୍ଗ କରୁଥିଲା, ଯେଉଁଥିରେ ସବୁ ପ୍ରକାର ଆରକ୍ଷଣକୁ ୫୦%ରୁ ଅଧିକ କରିହେବ ନାହିଁ ବୋଲି ବ୍ୟବସ୍ଥା ଅଛି। ମରାଠାମାନଙ୍କୁ ୧୬% ଆରକ୍ଷଣ ଦେବା ଫଳରେ ମୋଟ ଆରକ୍ଷଣ ୫୦%ରୁ ବୃଦ୍ଧି ପାଇ ୬୬% ହୋଇଯାଉଥିଲା। ୨୦୧୯ରେ ବମ୍ବେ ହାଇକୋର୍ଟ ଏହି ଆଇନକୁ ବୈଧ ବୋଲି ଘୋଷଣା କରିଥିଲେ। କିନ୍ତୁ ପୂର୍ବରୁ ସେଠାରେ ଥିବା କଂଗ୍ରେସ ସରକାର କ୍ଷମତାରେ ଥିଲା ବେଳେ ଯେଉଁ ସେ ଧରଣର ଆଇନ ପ୍ରଣୟନ କରିଥିଲେ ତାହାକୁ ସେହି ହାଇକୋର୍ଟ ଖାରଜ କରି ଦେଇଥିଲା। ଏଥର ହାଇକୋର୍ଟ କେବଳ ଏଥିରେ ଏକ ସଂଶୋଧନ ଆଣିଥିଲେ, ଯେଉଁଥିରେ କୁହାଯାଇଥିଲା ଯେ, ସରକାରୀ ଚାକିରି କ୍ଷେତ୍ରରେ ମରାଠାମାନଙ୍କ ଲାଗି ଆରକ୍ଷଣକୁ ୧୬%ରୁ ୧୨%କୁ ଓ ଶିକ୍ଷାନୁଷ୍ଠାନମାନଙ୍କରେ ୧୩%କୁ କମାଇ ଦିଆଯାଉ।

ସୁପ୍ରିମକୋର୍ଟର ବିଚାରପତି ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ପାଞ୍ଚ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ, ଯେଉଁଥିରେ ଅନ୍ୟ ବିଚାରପତି ଏନ୍. ନାଗେଶ୍ୱର ରାଓ, ଏସ. ଅବଦୁଲ ନଜୀର, ହେମନ୍ତ ଗୁପ୍ତା ଓ ଏସ ରବୀନ୍ଦ୍ର ଭଟ୍ଟ ସଦସ୍ୟ ଥିଲେ, ସର୍ବସମ୍ମତକ୍ରମେ ମହାରାଷ୍ଟ୍ରରେ ଗୃହୀତ ଏହି ଆଇନକୁ ଅସାମ୍ବିଧାନିକ ବୋଲି ଘୋଷଣା କରିଛନ୍ତି। ଏହି ରାୟରେ କୁହାଯାଇଛି ଯେ ମରାଠାମାନେ ସାମାଜିକ ଓ ଶିକ୍ଷାଗତ ଦୃଷ୍ଟିରୁ ଅଦୌ ପଛୁଆ ବର୍ଗ ନୁହନ୍ତି, ଯାହା ଫଳରେ ସେମାନଙ୍କ ପାଇଁ ସରକାରୀ ଚାକିରି ଓ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଆରକ୍ଷଣ ରହିବା ସୁପ୍ରିମକୋର୍ଟର ନିର୍ଦ୍ଦେଶକୁ ଅତିକ୍ରମ କରିଯିବ। ସୁପ୍ରିମକୋର୍ଟ ମଧ୍ୟ କହିଛନ୍ତି ଯେ, ଏମାନଙ୍କୁ ଆରକ୍ଷଣ ଦିଆଯିବା ଏକ ଅସାଧାରଣ ପରିସ୍ଥିତି ଯୋଗୁଁ ହୋଇନାହିଁ। ତାଙ୍କ ରାୟରେ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ମରାଠାମାନେ ସରକାରୀ ଚାକିରିର ଏ,ବି,ସି,ଡି, ବର୍ଗରେ ଯଥାକ୍ରମେ ୩୩.୨୩%, ୨୫.୩୦%, ୩୭.୦୬% ଓ ୩୬.୫୩% ସ୍ଥାନ ପାଇଛନ୍ତି। ଏହା ଆରକ୍ଷଣହୀନ ବର୍ଗମାନଙ୍କ ପାଇଁ ଥିବା ଚାକିରି ମଧ୍ୟରେ ରହିଛି। ଗୋଟିଏ ଜାତି ପାଇଁ ଏହି ଧରଣର ପ୍ରତିନିଧିତ୍ୱ ହେଉଛି ଯଥେଷ୍ଟ ଓ ସନ୍ତୋଷଜନକ। ବରଂ ଗୋଟିଏ ଜାତିର ଏତେ ସଂଖ୍ୟକ ଲୋକ ସରକାରୀ ଚାକିରିରେ ରହିବା ଏକ ଗର୍ବର ବିଷୟ। ଏଣୁ କେବେହେଲେ କୁହାଯାଇପାରିବ ନାହିଁ ଯେ ଏହି ସଂଖ୍ୟକ ଚାକିରି ସେହି ବର୍ଗ ପାଇଁ ଯଥେଷ୍ଟ ନୁହେଁ। ଏହା ଛଡ଼ା ମହାରାଷ୍ଟ୍ରରେ ଏ ପର୍ଯ୍ୟନ୍ତ ଶାସନ କରି ଆସିଥିବା ୧୯ ଜଣ ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରୁ ୧୩ ଜଣ ହେଉଛନ୍ତି ମରାଠା। ଏଣୁ ଏମାନେ ଆଦୌ ପଛୁଆ ବର୍ଗ ନୁହନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୩୦% ହେଉଛନ୍ତି ମରାଠା। ଭାରତର ପୂର୍ବତନ ଉପ-ପ୍ରଧାନ ମନ୍ତ୍ରୀ ୱାଇ.ଭି. ଚୌହାନ ହେଉଛନ୍ତି ମରାଠା। ଏମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ରାସ୍ତାକୁ ଆସି ଆନ୍ଦୋଳନ କରିବାରୁ ତଦାନୀନ୍ତନ ମହାରାଷ୍ଟ୍ର ସରକାର ସେମାନଙ୍କୁ ଗତ ନଭେମ୍ବର ୩୦, ୨୦୧୮ରେ ଏହି ଆରକ୍ଷଣ ସୁବିଧା ଦେଇଥିଲେ ଓ ଭୋଟ ଚାଲିଯିବା ଭୟରେ କୌଣସି ରାଜନୈତିକ ଦଳ ଏହାକୁ ବିରୋଧ କରିନଥିଲେ। ମରାଠାମାନଙ୍କୁ ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନମାନଙ୍କରେ ଆରକ୍ଷଣ ଦିଆଯିବ କି ନାହିଁ ସେଥିପାଇଁ ମହାରାଷ୍ଟ୍ର ସରକାର ପୂର୍ବତନ ହାଇକୋର୍ଟ ବିଚାରପତି ଏମ.ଜି. ଗାଇକୋୱାଡ଼ଙ୍କ ଅଧ୍ୟକ୍ଷତାରେ ଏକ ପଛୁଆ ଜାତି କମିସନ ଗଠନ କରିଥିଲେ। ଗାଇକୋୱାଡ଼ ହେଉଛନ୍ତି ନିଜେ ମରାଠା। ସେ ସୁପାରିସ କରିଥିଲେ ଯେ ମରାଠାମାନଙ୍କୁ ଚାକିରି ଓ ଶିକ୍ଷାନୁଷ୍ଠାନରେ ଆରକ୍ଷଣ ଦିଆଯାଉ। ଏହି ସୁପାରିସକୁ ବମ୍ବେ ହାଇକୋର୍ଟ ଅନୁମୋଦନ କରିଥିଲେ ମଧ୍ୟ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ସୁପ୍ରିମ କୋର୍ଟ କହିଛନ୍ତି ଯେ ସରକାର, ଏହି କମିସନର ରିପୋର୍ଟକୁ ଗ୍ରହଣ କରି ଭୁଲ କରିଛନ୍ତି। ମରାଠାମାନେ କେଉଁ ଚାକିରିରେ କେତେ ପ୍ରତିଶତ ସ୍ଥାନ ପାଇଛନ୍ତି, ତାହାକୁ ବିଚାର ନ କରିବା ମଧ୍ୟ ଭୁଲ କଥା ଅଟେ।

୧୯୯୨ର ଇନ୍ଦିରା ସାହ୍ନେ ମାମଲାରେ ସୁପ୍ରିମକୋର୍ଟର ଏକ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ, ସବୁ ଆରକ୍ଷଣକୁ ୫୦% ମଧ୍ୟରେ ସୀମିତ ରଖିବା ପାଇଁ ଯେଉଁ ରାୟ ଦେଇଥିଲେ ତା'ର ପୁନର୍ବିଚାର ପାଇଁ ଏଥର ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ଏହି ରାୟକୁ ଏକ ୧୧ ଜଣିଆ ଖଣ୍ଡପୀଠକୁ ପୁନଃଶୁଣାଣି ପାଇଁ ପଠାଯାଉ ବୋଲି ଯେଉଁ ଦାବି କରାଯାଇଥିଲା, ତାହାକୁ ଖାରଜ କରି ୫ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ଆରକ୍ଷଣକୁ ୫୦%ରେ ସୀମିତ କରି ରଖିବାର ଉଦ୍ଦେଶ୍ୟ ହେଲା, ସମସ୍ତଙ୍କୁ ସମାନତା ଓ ସମାନ ସୁଯୋଗ ଆଣିଦେବା। ଶତାବ୍ଦୀ ଶତାବ୍ଦୀ ଧରି ସାମାଜିକ ଓ ଆର୍ଥିକ କାରଣ ଦୃଷ୍ଟିରୁ ପଛରେ ପଡ଼ିଥିବା ବର୍ଗମାନଙ୍କୁ କେତେକ ସ୍ୱତନ୍ତ୍ର ସୁବିଧା ଦେବା ଓ ସବୁ ବର୍ଗଙ୍କୁ ନ୍ୟାୟ ପ୍ରଦାନ କରିବା ମଧ୍ୟରେ ଏକ ଭାରସାମ୍ୟ ରଖିବା ଏ ଧରଣର ରାୟର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏ ଧରଣର ରାୟକୁ ଏକତରଫା ବା ଅଯୌକ୍ତିକ ବୋଲି କୁହାଯାଇପାରିବ ନାହିଁ। ବିଚାରପତିମାନେ କହିଛନ୍ତି ଯେ, ମରାଠାମାନଙ୍କ ପାଇଁ ସ୍ୱତନ୍ତ୍ର କୋଟା ସମ୍ବିଧାନର ଧାରା ୧୪ ଅନୁସାରେ ଦିଆଯାଇଥିବା ସମାନତା ଅଧିକାର ଓ ଧାରା ୨୧ରେ ଥିବା ଉଚିତ ଆଇନଗତ ପଦ୍ଧତିର ଉଲ୍ଲଙ୍ଘନ କରୁଛି।

# କ୍ଷମତାର ଅନ୍ଧମୋହ ଓ ଚଉକି ନିଶା

## ପୁଷ୍ପାଞ୍ଜଳି ପାଇକରାୟ

ମଣିଷ ଜୀବନରେ ନିଶା ଅନେକ ପ୍ରକାରର ଥାଏ, କିନ୍ତୁ ସବୁଠାରୁ ଭୟଙ୍କର ଓ ଅଜବ ନିଶା ହେଉଛି 'କ୍ଷମତାର ଚଉକି'। ଏହି ନିଶା ଏମିତି ଯେ, ଥରେ ଘାରିଲେ ଏହାକୁ ଛାଡ଼ିବା ଅତ୍ୟନ୍ତ ମୁସ୍କିଲ ହୋଇପଡ଼େ। ପ୍ରଶାସନିକ ସ୍ତରରୁ ଆରମ୍ଭ କରି କର୍ପୋରେଟ ଜୀବନ ଏବଂ ସଂସଦ ପର୍ଯ୍ୟନ୍ତ ପ୍ରତ୍ୟେକ ଅନୁଷ୍ଠାନରେ ଏହି କ୍ଷମତା ମୋହର ପ୍ରାବଲ୍ୟ ଦେଖିବାକୁ ମିଳେ। ଦାର୍ଶନିକ ବର୍ଟ୍ରାଣ୍ଡ ରସେଲ ଏହି ଅହଂକାରକୁ 'କ୍ଷମତାର ନିଶା' ଭାବେ ବର୍ଣ୍ଣନା କରିଛନ୍ତି, ଯାହାକୁ ସେ ଆମ ସମୟର ସବୁଠୁ ବଡ଼ ବିପଦ ବୋଲି ଅଭିହିତ କରିଛନ୍ତି।

କ୍ଷମତାର ଚଉକିକୁ ଜଣେ ବ୍ୟକ୍ତି ଯେତେ ଅଧିକ ସମୟ ଧରି ରଖେ, ସେହି ଆସନ ପ୍ରତି ତା'ର ଆସକ୍ତି ସେତିକି ବଢ଼ିଚାଲେ। ଅନେକ ସମୟରେ ଚଉକି କେବଳ ଏକ ବସିବା ସ୍ଥାନ ହୋଇ ରହେନାହିଁ, ବରଂ ବ୍ୟକ୍ତିର ଅସ୍ତିତ୍ୱ ଓ ପରିଚୟ ପାଲଟିଯାଏ। ବ୍ୟକ୍ତିଟି ଚଉକିକୁ ନିଜର ଅଧିକାର, ପଦମର୍ଯ୍ୟାଦା ଓ ନିୟନ୍ତ୍ରଣର ପ୍ରତୀକ ଭାବେ ଗ୍ରହଣ କରିନିଏ। ଅବସର ପରେ ବା ପଦ ହରାଇବା ପରେ ଅନେକ ବ୍ୟକ୍ତି ମ୍ରିୟମାଣ ହୋଇପଡ଼ିବାର ମୂଳ କାରଣ ହେଉଛି ଏହି 'ଚଉକି ମୋହ'। 'ମୋ ବିନୁ ଅନ୍ୟ ଗତି ନାହିଁ' ଭଳି ମନୋଭାବ ବ୍ୟକ୍ତିକୁ ଅହଂକାରୀ ଓ ସ୍ୱେଚ୍ଛାଚାରୀ କରିଦିଏ, ଯେଉଁଠି ସେ ନିଜର ହିତାହିତ ଜ୍ଞାନ ହରାଇବସେ। ସିଗମଣ୍ଡ ଫ୍ରଏଡ୍ ଯଥାର୍ଥରେ କହିଥିଲେ ଯେ, କ୍ଷମତାର ଆତ୍ମଗର୍ବ ହିଁ ମଣିଷର ଅବକ୍ଷୟର ମୂଳ କାରଣ। ବିଶ୍ୱ ରାଜନୀତିରେ ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ୨୦୨୦ ମସିହାର ଆମେରିକା ରାଷ୍ଟ୍ରପତି ନିର୍ବାଚନ। ଡୋନାଲ୍ଡ ଟ୍ରମ୍ପ ଏହି ନିର୍ବାଚନରେ ପରାଜିତ ହୋଇଥିଲେ ମଧ୍ୟ କ୍ଷମତାର ଚଉକି ଛାଡ଼ିବାକୁ ନାରାଜ ଥିଲେ। ପରାଜୟକୁ ଅସ୍ୱୀକାର କରି ସେ ମିଥ୍ୟା ଦୋଷାରୋପ ଏବଂ ଦେଶପ୍ରେମର ଭାବପ୍ରବଣ ଆବେଦନ ମାଧ୍ୟମରେ ଚଉକିକୁ ଜାବୁଡ଼ି ଧରିବାକୁ ଚେଷ୍ଟା କରିଥିଲେ। ତାଙ୍କର ଏହି ମନୋଭାବ ୨୦୨୦ ଜାନୁଆରି ୬ ତାରିଖରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିଲା, ଯେତେବେଳେ ତାଙ୍କ ସମର୍ଥକମାନେ 'ଭୋଟ୍ ଚୋରି'ର ଅପ୍ରମାଣିତ ଅଭିଯୋଗ ନେଇ କ୍ୟାପିଟଲ ଭବନ ଉପରେ ଆକ୍ରମଣ କରିଥିଲେ। ସେହିଭଳି ଭାରତୀୟ ରାଜନୀତିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କ୍ଷେତ୍ରରେ ମଧ୍ୟ ଏହି ପ୍ରବୃତ୍ତି ପରିଲକ୍ଷିତ ହୋଇଛି, ଯେଉଁଠି ସେ ନିର୍ବାଚନରେ ପରାଜୟ ପରେ ସମ୍ମାନର ସହିତ ଇସ୍ତଫା ଦେବା ପରିବର୍ତ୍ତେ 'ଯୁଦ୍ଧଂ ଦେହି'ର ଡାକରା ଦେଇଛନ୍ତି।

କ୍ଷମତାର ଏହି ଘୃଣ୍ୟ ରୂପକୁ ଜର୍ଜ ଅରୱେଲଙ୍କ 'ନାଇଣ୍ଟିନ୍ ଏଇଟିଫୋର' ଏବଂ ଆଲଡସ୍ ହକ୍ସଲିଙ୍କ 'ବ୍ରେଭ ନ୍ୟୁ ୱାର୍ଲଡ'ରେ ନିଖୁଣ ଭାବେ ଚିତ୍ରଣ କରାଯାଇଛି। କ୍ଷମତାର ନିଶାରେ ବୁଡ଼ି ରହିଥିବା ମଣିଷ ସମସ୍ତ ନୈତିକ ଓ ରାଜନୈତିକ ଔଚିତ୍ୟର ସୀମା ଲଂଘି ଏକ 'ଏକଛତ୍ରବାଦୀ ଭୂତାଣୁ'ରେ ପରିଣତ ହୁଏ। ତାଙ୍କର ମୂଳ ଲକ୍ଷ୍ୟ ସୁଶାସନ ନୁହେଁ, ବରଂ ସମାଜକୁ ଏକ ଆଜ୍ଞାକାରୀ 'ନମ୍ର ଜନତା'ରେ ବଦଳାଇ ନିଜର ପ୍ରଭୁତ୍ୱ ବିସ୍ତାର କରିବା। ଗଣତନ୍ତ୍ରରେ କ୍ଷମତା ହେଉଛି ଏକ ସେବା କରିବାର ସୁଯୋଗ, ମାତ୍ର ଯେତେବେଳେ ଏହା ବ୍ୟକ୍ତିଗତ ଅହଂକାର ଓ ଚଉକିର ନିଶାରେ ପରିଣତ ହୁଏ, ସେତେବେଳେ ସମାଜ ଓ ଦେଶ ପାଇଁ ବିପଦ ସୃଷ୍ଟି ହୁଏ। କ୍ଷମତା ପରିବର୍ତ୍ତନଶୀଳ ଏବଂ ଏହାକୁ ସମ୍ମାନର ସହିତ ଗ୍ରହଣ କରିବା ଓ ଛାଡ଼ିବା ହିଁ ଜଣେ ସୁସ୍ଥ ରାଜନେତାଙ୍କ ପରିଚୟ। ଯେଉଁଦିନ ମଣିଷ ଚଉକି ମୋହରୁ ଊର୍ଦ୍ଧ୍ୱକୁ ଉଠି ସେବାକୁ ପ୍ରାଧାନ୍ୟ ଦେବ, ସେଦିନ ହିଁ ଗଣତନ୍ତ୍ର ସୁରକ୍ଷିତ ରହିବ।

ମହାଭାରତର କୌରବ ରାଜ ଦରବାରରୁ ଆରମ୍ଭ କରି ଆଧୁନିକ ବିଶ୍ୱ ରାଜନୀତି ପର୍ଯ୍ୟନ୍ତ, 'କ୍ଷମତା ମୋହ'ର ଏହି କଳା ଇତିହାସ ଅତ୍ୟନ୍ତ ବ୍ୟାପକ। ଦୁର୍ଯ୍ୟୋଧନ ବୁଝାମଣାକୁ ପ୍ରତ୍ୟାଖ୍ୟାନ କରି ବିନାଶକୁ ଆମନ୍ତ୍ରଣ କରିବା କ୍ଷମତାର ଅହଂକାରକୁ ଦର୍ଶାଉଥିବା ବେଳେ, ଗ୍ରୀକ୍ ପୁରାଣର ଇକାରସ୍‌ଙ୍କ ପତନର କାରଣ ମଧ୍ୟ ଥିଲା ତାଙ୍କର ଅହଂକାର। ଇତିହାସ ସାକ୍ଷୀ ଅଛି ଯେ, ରାଜସତ୍ତାର ଉତ୍ତରାଧିକାର ପ୍ରାୟତଃ ନିଷ୍ଠୁର ସଂଘର୍ଷ ଓ ରକ୍ତପାତର କାହାଣୀ ହୋଇ ରହିଛି। କ୍ଷମତାର ଲୋଭ ଆତ୍ମୀୟତାର ବଳି ମାଗିଛି; ସମ୍ରାଟ ଅଶୋକ ଚଉକି ପାଇଁ ଭ୍ରାତୃହନ୍ତା ହୋଇଥିବା ବେଳେ ସମ୍ରାଟ ଶାହାଜାହାନ ନିଜ ପୁତ୍ର ଔରଙ୍ଗଜେବଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇ ଶାହାବୁର୍ଜର କାରାବାସରେ ଜୀବନ ହାରିଛନ୍ତି। ଏପରିକି ରାଣୀ କ୍ଲିଓପାଟ୍ରା କ୍ଷମତା ବଞ୍ଚାଇବାକୁ ନିଜ ଦୁଇଭାଇଙ୍କୁ ବିବାହ କରିବା ଭଳି ପଦକ୍ଷେପ ନେଇଥିଲେ। ଚୌକିର ଏହି ନିଶା ହିଁ ଜନ୍ମ ଦେଇଛି ଜୟଚନ୍ଦ, ମୀର ଜାଫର, ମୀର କାଶିମ ଓ ଆଡମିରାଲ ଆର୍ନଲ୍?ଡଙ୍କ ପରି ବିଶ୍ୱାସଘାତକମାନଙ୍କୁ।

ତୁଳସୀଦାସ ଯଥାର୍ଥରେ କହିଛନ୍ତି, "ନହିଁ କୋଉ ଅସ ଜନମା ଜଗ ମାହିଁ। ପ୍ରଭୁତା ପାଇ ଜାହି ମଦ ନାହିଁ॥" ଅର୍ଥାତ୍ ଏ ଦୁନିଆରେ ଏପରି କେହି ଜନ୍ମ ହୋଇନାହିଁ ଯାହାକୁ କ୍ଷମତା ମାତାଲ୍ କରିନାହିଁ। ଭ୍ଲାଦିମିର ପୁଟିନ, ସି ଜିନପିଙ୍ଗ, ଅଲି ଖାମେନେଇ, ରବର୍ଟ ମୁଗାବେ ଓ ଫର୍ଡିନାଣ୍ଡ ମାର୍କୋସଙ୍କ ପରି ନେତାମାନେ ବ୍ୟାପକ ଜନବିରୋଧ ସତ୍ତ୍ୱେ ଦଶନ୍ଧି ଦଶନ୍ଧି ଧରି କ୍ଷମତାକୁ ଜାବୁଡ଼ି ଧରି ରଖିଛନ୍ତି। ଭାରତୀୟ ରାଜନୀତିକୁ ବି ଏହି 'ଚଉକି ନିଶା' ବହୁ ପୂର୍ବରୁ ଗ୍ରାସ କରିଛି। ୧୯୬୭ ମସିହାରେ ହରିୟାଣାର ବିଧାୟକ ଗୟା ଲାଲ୍ ଗୋଟିଏ ଦିନରେ ତିନି ଥର ଦଳ ବଦଳ କରିବା ପରେ 'ଆୟା ରାମ, ଗୟା ରାମ'ର ଯେଉଁ ପରମ୍ପରା ଆରମ୍ଭ ହୋଇଥିଲା, ତାହା ଆଜି ବି ପ୍ରାସଙ୍ଗିକ। ବିହାରର ନୀତୀଶ କୁମାର ଓ ରାମ ବିଲାସ ପାସୱାନଙ୍କ ପରି ରାଜନେତାମାନେ ବାରମ୍ବାର ପ୍ରମାଣ କରିଛନ୍ତି ଯେ ଚଉକି ପାଇଁ ନୀତି, ଆଦର୍ଶ ଓ ମେଣ୍ଟ ସବୁକିଛିକୁ ଜଳାଞ୍ଜଳି ଦିଆଯାଇପାରେ।

ଏହି ନୈତିକ ଅବକ୍ଷୟର ଚରମ ରୂପ ନିକଟରେ 'ଆପ୍' ଦଳର ସାତଜଣ ରାଜ୍ୟସଭା ସାଂସଦ ସମସ୍ତ ସିଦ୍ଧାନ୍ତକୁ ପଛରେ ପକାଇ ବିଜେପିରେ ଯୋଗଦେବା ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ଓଡ଼ିଶା ରାଜନୀତି ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଏଠାରେ ଚଉକି ପାଇଁ ଦଳ, ଆଦର୍ଶ, ସଂଗଠନ ଓ ବିଶ୍ୱସ୍ତ ସହଯୋଗୀଙ୍କୁ ବଳି ଦେଇ 'ଘୋଡ଼ା ବେପାର' ବା 'ହର୍ସ ଟ୍ରେଡିଂ'ରେ ସାମିଲ ହେବାର ଦୃଶ୍ୟପଟ ବାରମ୍ବାର ଦେଖିବାକୁ ମିଳୁଛି। ଶେଷରେ ଏତିକି କୁହାଯାଇପାରେ ଯେ, କ୍ଷମତାର ଅହଂକାର ମଣିଷକୁ ସିନା ସାମୟିକ ଭାବେ ଶକ୍ତିଶାଳୀ କରିଦିଏ, ମାତ୍ର ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ବିଶ୍ୱାସର ମୂଳଦୁଆକୁ ଦୋହଲାଇ ଦେଇଥାଏ। ଯେଉଁଦିନ ରାଜନୀତିରୁ ଏହି 'ଚଉକି ନିଶା' ଦୂର ହୋଇ 'ସେବା ମନୋଭାବ' ଜାଗ୍ରତ ହେବ, ସେଦିନ ହିଁ ପ୍ରକୃତ ଗଣତନ୍ତ୍ର ବିଜୟୀ ହେବ। ମହାଭାରତର କୌରବ ରାଜଦରବାରରୁ ଆରମ୍ଭ କରି ଆଧୁନିକ ବିଶ୍ୱ ରାଜନୀତି ପର୍ଯ୍ୟନ୍ତ, 'କ୍ଷମତା ମୋହ'ର ଏହି କଳା ଇତିହାସ ଅତ୍ୟନ୍ତ ବ୍ୟାପକ। ଦୁର୍ଯ୍ୟୋଧନ ବୁଝାମଣାକୁ ପ୍ରତ୍ୟାଖ୍ୟାନ କରି ବିନାଶକୁ ଆମନ୍ତ୍ରଣ କରିବା କ୍ଷମତାର ଅହଂକାରକୁ ଦର୍ଶାଉଥିବା ବେଳେ, ଗ୍ରୀକ୍ ପୁରାଣର ଇକାରସ୍‌ଙ୍କ ପତନର କାରଣ ମଧ୍ୟ ଥିଲା ତାଙ୍କର ଅହଂକାର। ଇତିହାସ ସାକ୍ଷୀ ଅଛି ଯେ, ରାଜସତ୍ତାର ଉତ୍ତରାଧିକାର ପ୍ରାୟତଃ ନିଷ୍ଠୁର ସଂଘର୍ଷ ଓ ରକ୍ତପାତର କାହାଣୀ ହୋଇ ରହିଛି। କ୍ଷମତାର ଲୋଭ ଆତ୍ମୀୟତାର ବଳି ମାଗିଛି; ସମ୍ରାଟ ଅଶୋକ ଚଉକି ପାଇଁ ଭ୍ରାତୃହନ୍ତା ହୋଇଥିବା ବେଳେ ସମ୍ରାଟ ଶାହାଜାହାନ ନିଜ ପୁତ୍ର ଔରଙ୍ଗଜେବଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇ ଶାହାବୁର୍ଜର କାରାବାସରେ ଜୀବନ ହାରିଛନ୍ତି। ଏପରିକି ରାଣୀ କ୍ଲିଓପାଟ୍ରା କ୍ଷମତା ବଞ୍ଚାଇବାକୁ ନିଜ ଦୁଇଭାଇଙ୍କୁ ବିବାହ କରିବା ଭଳି ପଦକ୍ଷେପ ନେଇଥିଲେ। ଚୌକିର ଏହି ନିଶା ହିଁ ଜନ୍ମ ଦେଇଛି ଜୟଚନ୍ଦ, ମୀର ଜାଫର, ମୀର କାଶିମ ଓ ଆଡମିରାଲ ଆର୍ନଲ୍‌ଡଙ୍କ ପରି ବିଶ୍ୱାସଘାତକମାନଙ୍କୁ।

ତୁଳସୀଦାସ ଯଥାର୍ଥରେ କହିଛନ୍ତି, "ନହିଁ କୋଉ ଅସ ଜନମା ଜଗ ମାହିଁ। ପ୍ରଭୁତା ପାଇ ଜାହି ମଦ ନାହିଁ॥" ଅର୍ଥାତ୍ ଏ ଦୁନିଆରେ ଏପରି କେହି ଜନ୍ମ ହୋଇନାହିଁ ଯାହାକୁ କ୍ଷମତା ମାତାଲ୍ କରିନାହିଁ। ଭ୍ଲାଦିମିର ପୁଟିନ, ସି ଜିନପିଙ୍ଗ, ଅଲି ଖାମେନେଇ, ରବର୍ଟ ମୁଗାବେ ଓ ଫର୍ଡିନାଣ୍ଡ ମାର୍କୋସଙ୍କ ପରି ନେତାମାନେ ବ୍ୟାପକ ଜନବିରୋଧ ସତ୍ତ୍ୱେ ଦଶନ୍ଧି ଦଶନ୍ଧି ଧରି କ୍ଷମତାକୁ ଜାବୁଡ଼ି ଧରି ରଖିଛନ୍ତି। ଭାରତୀୟ ରାଜନୀତିକୁ ବି ଏହି 'ଚଉକି ନିଶା' ବହୁ ପୂର୍ବରୁ ଗ୍ରାସ କରିଛି। ୧୯୬୭ ମସିହାରେ ହରିୟାଣାର ବିଧାୟକ ଗୟା ଲାଲ୍ ଗୋଟିଏ ଦିନରେ ତିନି ଥର ଦଳ ବଦଳ କରିବା ପରେ 'ଆୟା ରାମ, ଗୟା ରାମ'ର ଯେଉଁ ପରମ୍ପରା ଆରମ୍ଭ ହୋଇଥିଲା, ତାହା ଆଜି ବି ପ୍ରାସଙ୍ଗିକ। ବିହାରର ନୀତୀଶ କୁମାର ଓ ରାମ ବିଲାସ ପାସୱାନଙ୍କ ପରି ରାଜନେତାମାନେ ବାରମ୍ବାର ପ୍ରମାଣ କରିଛନ୍ତି ଯେ ଚଉକି ପାଇଁ ନୀତି, ଆଦର୍ଶ ଓ ମେଣ୍ଟ ସବୁକିଛିକୁ ଜଳାଞ୍ଜଳି ଦିଆଯାଇପାରେ।

ଏହି ନୈତିକ ଅବକ୍ଷୟର ଚରମ ରୂପ ନିକଟରେ 'ଆପ୍' ଦଳର ସାତଜଣ ରାଜ୍ୟସଭା ସାଂସଦ ସମସ୍ତ ସିଦ୍ଧାନ୍ତକୁ ପଛରେ ପକାଇ ବିଜେପିରେ ଯୋଗଦେବା ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ଓଡ଼ିଶା ରାଜନୀତି ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଏଠାରେ ଚଉକି ପାଇଁ ଦଳ, ଆଦର୍ଶ, ସଂଗଠନ ଓ ବିଶ୍ୱସ୍ତ ସହଯୋଗୀଙ୍କୁ ବଳି ଦେଇ 'ଘୋଡ଼ା ବେପାର'ରେ ସାମିଲ ହେବାର ଦୃଶ୍ୟପଟ ବାରମ୍ବାର ଦେଖିବାକୁ ମିଳୁଛି। ଯେତେବେଳେ ପୁରୁଣା ନେତୃତ୍ୱ ଗାଦି ଛାଡ଼ିବାକୁ କୁଣ୍ଠିତ ହୁଏ, ପ୍ରତିଭାର ପ୍ରବାହର ପଥ ସେଇଠି ଅବରୁଦ୍ଧ ହୋଇଯାଏ। ତେଣୁ ପୁରୁଣା ନେତୃତ୍ୱ ଚଉକିର ମୋହ ଛାଡ଼ି ସ୍ୱଇଚ୍ଛାରେ ନୂଆ ପିଢ଼ିକୁ ବାଟ ଦେବା ଉଚିତ। କାରଣ ନୂତନତା ସବୁବେଳେ ଶକ୍ତି ଆଣେ, ସତେଜତା ଆଣେ ଓ ନବସୃଜନ ଆଣେ। କିନ୍ତୁ ଚଉକିର ଲାଳସା ତ୍ୟାଗ କରିବାକୁ ସାହସ ଦରକାର। ଅନ୍ୟକୁ ବିଶ୍ୱାସ କରିବାର ସାହସ, ନିଜକୁ ନୂଆ କରି ଗଢ଼ିବାର ସାହସ ଆଉ ଜୀବନର ସ୍ୱାଭାବିକ ଛନ୍ଦକୁ ଆପଣାଇବାର ସାହସ। ଏହି ସାହସ ହିଁ ନେତୃତ୍ୱକୁ 'ଅଧିକାର' ପରିବର୍ତ୍ତେ 'ଦାୟିତ୍ୱବୋଧ'ର ପରିଭାଷା ଦିଏ।

ଜାତୀୟ ଚେତନା
JATIYA CHETANA



# ରାଜା ସୁବ୍ରମଣି ନୂଆ ସିଡିଏସ୍, ୩୦ରେ ସରିବ ଅନୀଲ ଚୌହ୍ୱାନଙ୍କ କାର୍ଯ୍ୟକାଳ

ନୂଆଦିଲ୍ଲୀ,(ଏଜେନ୍ସି): କେନ୍ଦ୍ର ସରକାର ଦେଶର ନୂଆ ନୂଆ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍)ଭାବେ ଲେଫ୍ଟନାଣ୍ଟ ଜେନେରାଲ୍ ଏନ୍.ଏସ୍ ରାଜା ସୁବ୍ରମଣିଙ୍କୁ ନିଯୁକ୍ତ କରିଛନ୍ତି। ଯାହାଙ୍କ ହାତରେ ରହିବ ତିନୋଟି ସେନାର କମାଣ୍ଡ। ବର୍ତ୍ତମାନର ସିଡିଏସ୍ ଅନିଲ ଚୌହ୍ୱାନଙ୍କ ସ୍ଥାନ ନେବେ ସୁବ୍ରମଣି। ସିଡିଏସ୍ ସହ ସାମରିକ ବ୍ୟାପାର ବିଭାଗର ସଚିବ ଭାବେ ମଧ ତାଙ୍କୁ କେନ୍ଦ୍ର ସରକାର ଦାୟିତ୍ୱ ଦେଇଛନ୍ତି। ବର୍ତ୍ତମାନର ସିଡିଏସ୍ ଅନୀଲ ଚୌହ୍ୱାନଙ୍କ କାର୍ଯ୍ୟକାଳ ଆସନ୍ତା ୩୦ରେ ଶେଷ ହେଉଛି। ସୁବ୍ରମଣି ବର୍ତ୍ତମାନ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟର ସାମରିକ ପରାମର୍ଶଦାତା ଅଛନ୍ତି। ପୂର୍ବରୁ ସେ ସେନା ଉପାଧକ୍ଷ ଥିଲେ। ୨୦୨୪ ପର୍ଯ୍ୟନ୍ତ କେନ୍ଦ୍ରୀୟ କମାଣ୍ଡର ଜେନେରାଲ ଅଫିସ୍ ର କମାଣ୍ଡିଂ-ଇନ୍-ଚିଫ୍ ବି ସେ ଥିଲେ। ପୁଣେ ଏନଡିଏ ଓ ପରେ ଡେରାଡୁନ୍ ଇଣ୍ଡିଆନ୍ ମିଲିଟାରୀ ଏକାଡେମୀରୁ ପାସ୍ ହୋଇଛନ୍ତି ଲେଫ୍ଟନାଣ୍ଟ ଜେନେରାଲ୍ ଏନ୍.ଏସ୍ ରାଜା ସୁବ୍ରମଣି। ୧୯୮୫ରେ ଗରୱାଲ୍ ରାଇଫଲସରେ ଯୋଗ ଦେଇଥିଲେ। ଲକ୍ଷ୍ନୌରେ ସେଣ୍ଟ୍ରାଲ୍ ଆର୍ମି କମାଣ୍ଡର ଭାବେ ଦୀର୍ଘ ଦିନର ଅଭିଜ୍ଞତା ରହିଛି। ଉତ୍ତର ଭାରତ ଓ ସୀମାବର୍ତ୍ତି ଅଞ୍ଚଳରେ ସୁରକ୍ଷା, ଗୁଇନ୍ଦା ଏବଂ ଅପରେସନର ଅଭୁତ ଦକ୍ଷତା ରହିଛି ଲେଫ୍ଟନାଣ୍ଟ ଜେନେରାଲ୍ ସୁବ୍ରମଣିଙ୍କ ପାଖରେ।

# କ୍ରିଷ୍ଣା ସ୍ୱାମୀନାଥନ୍ ନୌସେନା ମୁଖ୍ୟ

ନୂଆଦିଲ୍ଲୀ,(ଏଜେନ୍ସି): ଭାଇସ୍ ଆଡମିରାଲ୍ କ୍ରିଷ୍ଣା ସ୍ୱାମୀନାଥନ ହେବାକୁ ଯାଉଛନ୍ତି ଭାରତୀୟ ନୌସେନାର ପରବର୍ତ୍ତୀ ମୁଖ୍ୟ। ଭାରତ ସରକାର ଭାଇସ୍ ତାଙ୍କୁ ନୌସେନାର ପରବର୍ତ୍ତୀ ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି। ବର୍ତ୍ତମାନର ନୌସେନା ମୁଖ୍ୟଙ୍କ କାର୍ଯ୍ୟକାଳ ସରିବା ପରେ ଆସନ୍ତା ୩୧ ତାରିଖରେ ସେ ବିଧିବଦ୍ଧ ଭାବେ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିବେ। ଜଣେ ଦକ୍ଷ ଏବଂ ଅଭିଜ୍ଞ ଅଧିକାରୀ ଭାବେ ସ୍ୱାମୀନାଥନଙ୍କର ସାରା ଦେଶରେ ସୁଖ୍ୟାତି ରହିଛି। ସେ ୨୦୨୮ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏହି ପଦବୀରେ ରହି ଦେଶ ସେବା କରିବେ। ବର୍ତ୍ତମାନ ମୁମ୍ବାଇରେ ୱେଷ୍ଟର୍ଣ୍ଣ ନୌସେନା କମାଣ୍ଡର ଭାବେ କାର୍ଯ୍ୟରତ ଅଛନ୍ତି ସ୍ୱାମୀନାଥନ। ସେ ଜଣେ କମ୍ୟୁନିକେସନ ଏବଂ ଇଲେକ୍ଟ୍ରୋନିକ ୱାରଫେୟାର ଏକ୍ସପର୍ଟ ଭାବେ ବେଶ୍ ଜଣାଶୁଣା। ଆଧୁନିକ ଯୁଦ୍ଧ କୌଶଳରେ ତାଙ୍କର ପାରଦର୍ଶିତା ନୌସେନାକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି। ୧୯୮୭ ମସିହାରେ ନ୍ୟାସନାଲ ଡିଫେନ୍ସ ଏକାଡେମୀରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ସେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ। ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ସେ ନୌସେନାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ଜଏଣ୍ଟ ସର୍ଭିସେସ୍ କମାଣ୍ଡ ଏବଂ ଷ୍ଟାଫ୍ କଲେଜ ଏବଂ ଯୁକ୍ତରାଷ୍ଟ୍ରର ନୌସେନା ଯୁଦ୍ଧ କଲେଜରେ ମଧ ଯୋଗଦାନ କରିଛନ୍ତି। ସେ କଲେଜ ଅଫ୍ ନୌସେନା ସହିତ ଜଡ଼ିତ ଅଛନ୍ତି। ନୌସେନା ମୁଖ୍ୟ ଭାବେ ଭାଇସ୍ ଆଡମିରାଲ ସ୍ୱାମୀନାଥଙ୍କ ଉପରେ ଭାରତୀୟ ସାମୁଦ୍ରିକ ସୀମା ସୁରକ୍ଷା ଏବଂ ନୌସେନାର ଆଧୁନିକୀକରଣ କରିବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିବ।

# ପଶ୍ଚିମବଙ୍ଗରେ ଶୁଭେନ୍ଦୁ ସରକାର

କୋଲକାତା, (ଏଜେନ୍ସି): ପଶ୍ଚିମବଙ୍ଗରେ ପୂରଣ ହେଲା ପଣ୍ଡିତ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ୱପ୍ନ। ପ୍ରଥମ ଥର ପାଇଁ ରାଜ୍ୟରେ ଦାୟିତ୍ୱ ନେଇଛି ବିଜେପି ସରକାର। ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥଗ୍ରହଣ କରିଛନ୍ତି। ଏଥିସହ ସେ ପଶ୍ଚିମବଙ୍ଗରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ହେବାର ମଧ ସୌଭାଗ୍ୟ ଅର୍ଜନ କରିଛନ୍ତି। ଶୁଭେନ୍ଦୁଙ୍କ ସହ ଦିଲୀପ ଘୋଷ, ଅଗ୍ନିମିତ୍ରା ପଲ୍, ଅଶୋକ କୀର୍ତ୍ତନିୟା, ଖୁଦିରାମ ଟୁଡୁ, ନିଶିଥ ପ୍ରାମାଣିକ ପ୍ରମୁଖ ୫ଜଣ ମଧ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶୁଭେନ୍ଦୁଙ୍କ ସମେତ ସମସ୍ତ ମନ୍ତ୍ରୀ ମାତୃଭାଷା 'ବାଂଲା'ରେ ଈଶ୍ୱରଙ୍କ ନାମରେ ଶପଥ ଗ୍ରହଣ କରିବା ଦେଖିବାକୁ ମିଳିଥିଲା। ରାଜ୍ୟପାଳ ଆର୍ ଏନ୍ ରବି ନୂଆ ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀମାନଙ୍କୁ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। କୋଲକାତାର ଐତିହାସିକ ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡରେ ଏହି ଶପଥ ସମାରୋହ ଅନୁଷ୍ଠିତ ହୋଇଥିଲା।ପିଏମ୍ ମୋଦୀ ଓ ଗୃହମନ୍ତ୍ରୀ ଶାହଙ୍କ ସହ ୨୦ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ-ଉପମୁଖ୍ୟମନ୍ତ୍ରୀ ଐତିହାସିକ ବିଜେପି ସରକାରର ସାକ୍ଷୀ ରହିଛନ୍ତି।

ଶପଥ ପାଠ ପରେ ଶୁଭେନ୍ଦୁ, କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବାକୁ ଯାଇ ସେ କହିଛନ୍ତି, ତାଙ୍କ ସରକାରର ପ୍ରଥମ ଲକ୍ଷ୍ୟ ହେଉଛି ବଙ୍ଗଳାରେ ଆଇନ ଶୃଙ୍ଖଳା ସ୍ଥିତି ସୁଧାରିବା ଏବଂ କେନ୍ଦ୍ରୀୟ ଯୋଜନାଗୁଡ଼ିକୁ



(ଯେମିତିକି ଆୟୁଷ୍ମାନ ଭାରତ ଓ କିଷାନ ସମ୍ମାନ ନିଧି) ରାଜ୍ୟରେ ଶୀଘ୍ର ଲାଗୁ କରିବା। ତେବେ ଆଜିର ଦିନ ପଶ୍ଚିମବଙ୍ଗ ପାଇଁ ଏକ ନୂଆ ଆରମ୍ଭ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ଆଜିର ଏହି ଶପଥ ସମାରୋହ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂ, ନିତିନ ଗଡ଼କରୀ, ଶିବରାଜ ସିଂ ଚୌହାନଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଥିଲେ। ଏଥିସହ ଏନ୍‌ଡିଏ ଏବଂ ବିଜେପି ଶାସିତ ରାଜ୍ୟର ୨୦ ଜଣ ମୁଖ୍ୟମନ୍ତ୍ରୀ ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଏକ ରୋଡ୍ ଶୋ' କରି କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ ଏବଂ ମଞ୍ଚରେ ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ବିଜେପିର ୯୮ ବର୍ଷୀୟ ବୟସ୍କ କର୍ମକର୍ତ୍ତା ମାଖନଲାଲ ସରକାରଙ୍କ ପାଖକୁ ଯାଇ ତାଙ୍କୁ ଶାଲ୍ ଉଢ଼ାଇବା ସହ ତାଙ୍କ ପାଦ ଛୁଇଁ ସମ୍ମାନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କ ଶପଥ ପାଠ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ମୋଦୀ ମଞ୍ଚରୁ ଆଣ୍ଠୁ ମାଡ଼ି ବସି ବଙ୍ଗଳାର ଜନସାଧାରଣଙ୍କୁ ପ୍ରଣାମ କରିଥିଲେ।

ଦୀର୍ଘ ଦଶନ୍ଧି ଧରି ବାମପନ୍ଥୀ ଏବଂ ତା'ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୧୫ ବର୍ଷର ଶାସନ ପରେ, ଏହା ପ୍ରଥମ ଥର ଯେ ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି ନିଜର ସରକାର ଗଢ଼ିଛି। ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ଏହି ନୂଆ ସରକାର ବଙ୍ଗଳାରେ 'ସୋନାର ବାଂଲା' ଗଠନର ସଂକଳ୍ପ ନେଇ କାମ ଆରମ୍ଭ କରିବ ବୋଲି ବିଜେପି ନେତାମାନେ ମତବ୍ୟକ୍ତ କରିଛନ୍ତି।

# ୫ଟି ବର୍ଗରେ ପୁରସ୍କାର ପାଇବ ଓଡ଼ିଶା

ନୂଆଦିଲ୍ଲୀ,(ଏଜେନ୍ସି): ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ଘୋଷଣା କରାଯାଇଛି। ବିଭିନ୍ନ ବର୍ଗରେ ପୁରସ୍କାର ପାଇଁ ଦେଶର ୪୨ଟି ପଞ୍ଚାୟତକୁ ମନୋନୀତ କରାଯାଇଛି। ଆସନ୍ତା ଜୁନ୍ ୩ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ ପୁରସ୍କାର ବିତରଣ କରାଯିବ। ୯ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ମନୋନୀତ ପଞ୍ଚାୟତଗୁଡ଼ିକୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ବିକାଶ ପୁରସ୍କାର ଦିଆଯିବ। ୧୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ୩୪ଟି ପଞ୍ଚାୟତକୁ ତିନୋଟି ବର୍ଗରେ ଏହି ପୁରସ୍କାର ଦିଆଯିବ। ସେହିପରି ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ, ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ଏବଂ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ବର୍ଗରେ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବିଜେତା ପଞ୍ଚାୟତଗୁଡ଼ିକୁ ପୁରସ୍କାର ରାଶି ସ୍ୱରୂପ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପ୍ରଦାନ କରାଯିବ। ଜାତୀୟ ପଞ୍ଚାୟତ ପୁରସ୍କାରରେ କର୍ଣ୍ଣାଟକ ସର୍ବାଧିକ ୬ଟି ପୁରସ୍କାର ପାଇବାକୁ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ୫ଟି ଲେଖାଏଁ ବର୍ଗରେ ପୁରସ୍କୃତ ହେବେ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ପୋଟଲମପୁର ପଞ୍ଚାୟତ ସୁସ୍ଥ ପଞ୍ଚାୟତ ଭାବେ ପୁରସ୍କୃତ ହେବାକୁ ମନୋନୀତ ହୋଇଛି। ଏହି ପଞ୍ଚାୟତକୁ ତୃତୀୟ ବର୍ଗରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ। ଜଳ ସ୍ୱଚ୍ଛଳତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ। ସ୍ୱଚ୍ଛ ଏବଂ ସବୁଜ ପଞ୍ଚାୟତ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକର ହାତୀବନ୍ଧ ପଞ୍ଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ମିଳିବ। ଅନ୍ୟପଟେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତ ସାମାଜିକ ନ୍ୟାୟ ଏବଂ ସାମାଜିକ ଦୃଷ୍ଟିରୁ ସୁରକ୍ଷିତ ପଞ୍ଚାୟତ ଭାବେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ପଞ୍ଚାୟତକୁ ମଧ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ। ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ବର୍ଗରେ ଗଞ୍ଜାମ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ପୁରସ୍କାର ବାବଦରେ ଗଞ୍ଜାମକୁ ୩ କୋଟି ଟଙ୍କାର ପୁରସ୍କାର ମିଳିବ। ଦେଶର ଗ୍ରାମାଞ୍ଚଳରେ ସମାବେଶୀ, ଅନ୍ତର୍ଭୁକ୍ତିମୂଳକ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା ଲାଗି ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଏହି ପୁରସ୍କାର ଜରିଆରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ପଞ୍ଚାୟତଗୁଡ଼ିକୁ ଜାତୀୟ ସ୍ତରର ମାନ୍ୟତା ଏବଂ ଆର୍ଥିକ ପ୍ରୋତ୍ସାହନ ମିଳିଥାଏ।

# ପ୍ରତିଷ୍ଠା ହେବ ୭ ମହିଳା ଫାଷ୍ଟଟ୍ରାକ୍, ୫ ସ୍ୱତନ୍ତ୍ର ସାଇବର୍ କୋର୍ଟ

ଭୁବନେଶ୍ୱର,(ଜା.ପ୍ର): ମହିଳାମାନଙ୍କୁ ଗୁରୁତ୍ୱ ଦେଇ ୭ଟି ମହିଳା ଫାଷ୍ଟ ଟ୍ରାକ୍ କୋର୍ଟ ସହ ସାଇବର ଅପରାଧକୁ ରୋକିବା ଏବଂ ତୁରନ୍ତ ଦଣ୍ଡବିଧାନ ନିମିତ୍ତ ରାଜ୍ୟରେ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ଖୋଲିବା ନେଇ ରାଜ୍ୟ ସରକାର ବିଚାର କରୁଛନ୍ତି। ତେଣୁ କେବଳ ଅର୍ଥନୈତିକ ବିକାଶ ନୁହେଁ, ବରଂ ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାର ଏକ ବିସ୍ତୃତ ରୋଡ଼୍‌ମ୍ୟାପ୍‌କୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଇନ ବିଭାଗ ଓ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ଜନସାଂଖ୍ୟିକ ପରିବର୍ତ୍ତନ ଓ ଆଇନ ବ୍ୟବସ୍ଥା: ଉଦୟମାନ ମାନବୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି' ଶୀର୍ଷକ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା କହିଛନ୍ତି। ରାଜ୍ୟ, ଦେଶ ତଥା ବିଶ୍ୱ ଦୃଷ୍ଟିକୋଣରୁ ଅବଲୋକନ କଲେ ଜନସଂଖ୍ୟା ସହ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଘଟୁଛି। ବର୍ତ୍ତମାନ ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟ ତଥା ଦେଶରେ ଯୁବପିଢ଼ିଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ୫୦ ଭାଗରୁ ଅଧିକ ରହିଛି । ତେବେ ଆଗାମୀ ଦିନରେ ଏହି ସଂଖ୍ୟାରେ ପରିବର୍ତ୍ତନ ସହ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଯାଉଛି । ଏଣୁ ଆମକୁ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।


ଏହି ଅବସରରେ ଆଇନ ଆୟୋଗର ଅଧକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ପରିବର୍ତ୍ତିତ ସାମାଜିକ ପରିସ୍ଥିତି ସହ ଆଇନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ସହ ସଂଖ୍ୟାଗତ ହାର, ଅର୍ଥନୈତିକ ଅଭିବୃଦ୍ଧି, ସମାଧାନ ସମାରୋହ ମାଧ୍ୟମରେ ସମସ୍ୟାର ସମାଧାନ ଆଦି ବିଷୟରେ ନିଜର ମତ ରଖିଥିଲେ। ମୁଖ୍ୟ ଶାସନ ସଚିବଅନୁ ଗର୍ଗ ରୋଡ୍ ନେଟ୍‌ୱାର୍କ, ପର୍ଯ୍ୟଟନ, ଆଇଟି କ୍ଷେତ୍ର, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ରାଜ୍ୟର ଅଭିବୃଦ୍ଧି ବର୍ଣ୍ଣନା କରିବା ସହ ଜନସାଂଖ୍ୟିକ ପରିବର୍ତ୍ତନ କେବଳ ଜନସଂଖ୍ୟା ନୁହେଁ, ଏହା ପରିବାର, ସାମାଜିକ ସୁରକ୍ଷା, ନ୍ୟାୟ ବ୍ୟବସ୍ଥା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେଣୁ ଭବିଷ୍ୟତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଇନର ବ୍ୟାଖ୍ୟା ପରିବର୍ତ୍ତିତ ପରିସ୍ଥିତି ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ ଏବଂ ସାଧାରଣ ଲୋକ ବୁଝିବା ଭଳି ଆଇନ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ।ୟୁଏନ୍‌ଏଫ୍‌ପିଏର ଓଡ଼ିଶା ମୁଖ୍ୟ ନଦୀମ୍ ନୁର୍ ଜନସାଂଖ୍ୟିକ ପରିବର୍ତ୍ତନରେ ସାମାଜିକ କାର୍ଯ୍ୟପ୍ରଣାଳୀ ଏବଂ ନ୍ୟାୟ ବ୍ୟବସ୍ଥାରେ ଏହାର ପ୍ରତିଫଳନ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ୟୁଏନ୍‌ଏଫ୍‌ପିଏର ସୂର୍ଯ୍ୟପ୍ରକାଶ ଧନ୍ୟବାଦ ଦେଇଥିଲେ।

# ଅତ୍ୟାଧୁନିକ 'ଅଗ୍ନି' ମିସାଇଲ୍‌ର ସଫଳ ପରୀକ୍ଷଣ

ଭୁବନେଶ୍ୱର,(ଜା.ପ୍ର): ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଯୋଡ଼ି ହୋଇଛି ଏକ ନୂଆ ସଫଳତା। ଓଡ଼ିଶା ଉପକୂଳରୁ ଅତ୍ୟାଧୁନିକ 'ଅଗ୍ନି' ମିସାଇଲର ସଫଳ ପରୀକ୍ଷଣ କରାଯାଇଛି। ଏହି ମିସାଇଲର ବିଶେଷତ୍ୱ ହେଉଛି, ଏହା ଏକାସାଙ୍ଗରେ ବିଭିନ୍ନ ସ୍ଥାନରେ ଥିବା ଏକାଧିକ ଶତ୍ରୁ ଶିବିରକୁ ଧ୍ୱଂସ କରିବାର କ୍ଷମତା ରଖିଛି। ଶୁକ୍ରବାର ଓଡ଼ିଶାର ଅବଦୁଲ କଲାମ ଦ୍ୱୀପରୁ ଏହି ଅତ୍ୟାଧୁନିକ ଅଗ୍ନି ମିସାଇଲର ଉତକ୍ଷେପଣ କରାଯାଇଥିଲା। ଏଥିରେ ଏମ୍‌ଆଇଆର୍‌ଭି (ମଲଟିପଲ୍ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେଡ ରି-ଏଣ୍ଟ୍ରି ଭେଇକିଲ୍ ) ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ପରୀକ୍ଷଣ ସମୟରେ ଏହି ମିସାଇଲ୍ ଭାରତ ମହାସାଗର ଅଞ୍ଚଳରେ ଅଲଗା ଅଲଗା ସ୍ଥାନରେ ଥିବା ଏକାଧିକ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛି। ଏହି ଶକ୍ତିଶାଳୀ କ୍ଷେପଣାସ୍ତ୍ରକୁ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ ବା ଡିଆରଡିଓ ବିକଶିତ କରିଛି। ମିସାଇଲର ଗତିପଥ ଏବଂ ଲକ୍ଷ୍ୟଭେଦକୁ ଭୂମି ଓ ଜାହାଜରେ ଥିବା ଟ୍ରାକିଂ ସିଷ୍ଟମ ଜରିଆରେ ନଜର ରଖାଯାଇଥିଲା। ସମସ୍ତ ମିଶନ ଉଦ୍ଦେଶ୍ୟ ସଫଳତାର ସହ ପୂରଣ ହୋଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ସଫଳ ପରୀକ୍ଷଣ ଦ୍ୱାରା ଦେଶର ପ୍ରତିରକ୍ଷା ପ୍ରସ୍ତୁତି ଆହୁରି ମଜବୁତ ହୋଇଛି।

ଜାତୀୟ ଚେତନା
JATIYA CHETANA





# ଜନ୍ମ ଓ ଜାତି ପ୍ରଥା

**ଲକ୍ଷ୍ମଣ କୁମାର ବେହେରା**

ପ୍ରାଚୀନ କାଳର କଥା। ଆର୍ଯ୍ୟାବର୍ତ୍ତର ଏକ ବିଶାଳ ସାମ୍ରାଜ୍ୟର ଅଧିପତି ଥିଲେ ରାଜା ସର୍ବଦିଗପାଳ। ସେ ଯେତିକି ପରାକ୍ରମୀ ଥିଲେ, ସେତିକି ନ୍ୟାୟବନ୍ତ ମଧ୍ୟ ଥିଲେ। କିନ୍ତୁ ତାଙ୍କ ମନରେ ଏକ ଦ୍ୱନ୍ଦ୍ୱ ସବୁବେଳେ ରହିଥିଲା। ସମାଜରେ ପ୍ରଚଳିତ ଜାତି ପ୍ରଥା ଏବଂ ଜନ୍ମଗତ ଶ୍ରେଷ୍ଠତାକୁ ନେଇ ସେ ସନ୍ତୁଷ୍ଟ ନଥିଲେ। ରାଜା ଗୋଟିଏ ଦିନରେ ଦୁଇଟି ଭିନ୍ନ ଭିନ୍ନ ଘଟଣା ଦେଖିଲେ। ପ୍ରଥମ ଘଟଣାଟି ହେଲା ରାଜସଭାର ଘଟଣା। ଜଣେ ବ୍ରାହ୍ମଣଙ୍କ ପୁତ୍ର, ଯିଏ ଅତ୍ୟନ୍ତ ଅହଂକାରୀ ଓ କର୍ମହୀନ ଥିଲା, ସେ ଜଣେ ବିଦ୍ୱାନ ଶୁଦ୍ର ଚିତ୍ରଶିଳ୍ପୀଙ୍କୁ ଅପମାନିତ କଲା। ସେ କହିଲା, 'ତୁମେ ଶୁଦ୍ର, ମୋର ପାଦଧୂଳି ସମାନ।' ଏହି ଦୃଶ୍ୟ ରାଜାଙ୍କ ହୃଦୟକୁ ବ୍ୟଥିତ କଲା। କ'ଣ କେବଳ ଉଚ୍ଚ କୁଳରେ ଜନ୍ମ ହେବା ହିଁ ଶ୍ରେଷ୍ଠତାର ପ୍ରମାଣ? କ'ଣ କେବଳ ଉଚ୍ଚ କୁଳରେ ଜନ୍ମ ହେଲେ ଜଣେ ପୂଜ୍ୟ ହୋଇଯାଏ? ଦ୍ୱିତୀୟ ଘଟଣାଟି ଘଟିଥିଲା ରାଜ ଉଆସର ବାହାରେ। ରାଜା ଦେଖିଲେ, ରାଜପୁରୋହିତଙ୍କ ପୁତ୍ର ମଦ୍ୟପାନ ଓ ଅଧର୍ମରେ ଲିପ୍ତ ଥାଇ ମଧ୍ୟ ସମାଜରେ ସମ୍ମାନ ପାଉଛି, କିନ୍ତୁ ନଗରର ସଫେଇ କରୁଥିବା ଶୁଦ୍ର ନିତାଇର ପୁତ୍ର ଅତ୍ୟନ୍ତ ଜ୍ଞାନୀ ହୋଇ ମଧ୍ୟ ତାଚ୍ଛଲ୍ୟର ଶିକାର ହେଉଛି।

ଏହି ଦ୍ୱନ୍ଦ୍ୱର ସମାଧାନ ପାଇଁ ସେ କୈଳେନ୍ଦ୍ରା ପାହାଡ଼ର ପାଦଦେଶରେ ତପସ୍ୟା କରୁଥିବା ପରମ ଜ୍ଞାନୀ ବ୍ରହ୍ମର୍ଷି ସତ୍ୟେନ୍ଦ୍ରଙ୍କ ନିକଟରେ ପହଞ୍ଚିଲେ।

ଘଞ୍ଚ ଅରଣ୍ୟ ମଧ୍ୟରେ ଋଷିଙ୍କ ଆଶ୍ରମ। ଚାରିଆଡ଼େ ଶାନ୍ତ ପରିବେଶ। ଋଷି ସତ୍ୟେନ୍ଦ୍ର ଧ୍ୟାନମଗ୍ନ ଥିଲେ। ରାଜା ସର୍ବଦିଗପାଳ ନିଜର ରାଜକୀୟ ପୋଷାକ ତ୍ୟାଗ କରି ସାଧାରଣ ବେଶରେ ଋଷିଙ୍କ ଚରଣ ସ୍ପର୍ଶ କଲେ।

ଋଷି ଆଖି ଖୋଲି ହସିଲେ ଏବଂ କହିଲେ, "ରାଜନ୍! ତୁମର ମୁଖମଣ୍ଡଳ କହିଦେଉଛି ଯେ ତୁମେ ଏକ ବଡ଼ ଜିଜ୍ଞାସା ନେଇ ଆସିଛ। କୁହ, ମୁଁ ତୁମର କି ସାହାଯ୍ୟ କରିପାରିବି?"

ରାଜା ବିନିତ ଭାବେ କହିଲେ, "ଋଷିବର, ମୋର ପ୍ରଶ୍ନ ହେଉଛି ଜାତି ବା ବର୍ଣ୍ଣ ବିଭାଜନକୁ ନେଇ। କ'ଣ ଜଣେ ବ୍ରାହ୍ମଣ ଘରେ ଜନ୍ମ ହେଲେ ହିଁ ସେ ବ୍ରାହ୍ମଣ ? ଶୁଦ୍ର ଘରେ ଜନ୍ମ ହେଲେ କ'ଣ ସେ ଆଜୀବନ ଶୁଦ୍ର ହୋଇ ରହିବ? କ'ଣ କର୍ମ ଅନୁସାରେ ଜାତି ପରିବର୍ତ୍ତନ ହୋଇପାରିବ ନାହିଁ? "

ବ୍ରହ୍ମର୍ଷି ସତ୍ୟେନ୍ଦ୍ର ସ୍ମିତହାସ୍ୟ ଦେଇ କହିଲେ, "ରାଜନ୍, ତୁମେ ଯାହା ପଚାରୁଛ ତାହା ହିଁ ପରମ ସତ୍ୟ। ଜନ୍ମ ଆଧାରରେ ଜାତି ନିର୍ଣ୍ଣୟ କରିବା ଏକ ଭ୍ରାନ୍ତି ଏବଂ ହାସ୍ୟାସ୍ପଦ କଥା। ବାସ୍ତବରେ, କର୍ମ ହିଁ ବର୍ଣ୍ଣର ପରିଚୟ।" ଶ୍ରୀମଦ୍ ଭଗବଦ୍ ଗୀତାରେ ମଧ୍ୟ ଭଗବାନ କହିଛନ୍ତି, "ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ" - ଅର୍ଥାତ୍ ଗୁଣ ଏବଂ କର୍ମ ଅନୁସାରେ ହିଁ ଚାରି ବର୍ଣ୍ଣର ସୃଷ୍ଟି ହୋଇଛି, ଜନ୍ମ ଅନୁସାରେ ନୁହେଁ।

ବେଦ-ବେଦାନ୍ତ ଏବଂ ଉପନିଷଦର ମର୍ମ ହେଉଛି- "ଜନ୍ମନା ଜାୟତେ ଶୁଦ୍ରଃ ସଂସ୍କାରାତ୍ ଦ୍ୱିଜ ଉଚ୍ୟତେ।" ଅର୍ଥାତ୍, ଜନ୍ମ ସମୟରେ ପ୍ରତ୍ୟେକ ଶିଶୁ ଶୁଦ୍ର ଭାବରେ ହିଁ ଜନ୍ମ ହୁଏ, କିନ୍ତୁ ନିଜର ସଂସ୍କାର ଓ କର୍ମ ଦ୍ୱାରା ସେ 'ଦ୍ୱିଜ' ବା ବ୍ରାହ୍ମଣ ହୁଏ।

ସେ ଆଗକୁ ବୁଝାଇ କହିଲେ, "ବ୍ରାହ୍ମଣ ସେଇ, ଯିଏ ବ୍ରହ୍ମଜ୍ଞାନ ଜାଣେ, ଯିଏ ଶାନ୍ତ, ସରଳ ଏବଂ ସମାଜକୁ ମାର୍ଗଦର୍ଶନ ଦିଏ। ଯଦି ଜଣେ ଶୁଦ୍ର ଘରେ ଜନ୍ମ ହୋଇ ବେଦ ଅଧ୍ୟୟନ କରେ, ସତ୍ୟ ପଥରେ ଚାଲେ ଏବଂ ଈଶ୍ୱରଙ୍କୁ ଜାଣେ, ତେବେ ସେ ହିଁ ପ୍ରକୃତ ବ୍ରାହ୍ମଣ। ସେହିପରି, ଜଣେ ବ୍ରାହ୍ମଣ ଘରର ସନ୍ତାନ ଯଦି ହିଂସା କରେ, ପାପ କରେ କିମ୍ବା ଶାରୀରିକ ସେବା କରି ଜୀବିକା ନିର୍ବାହ କରେ, ତେବେ ସେ ଆଉ ବ୍ରାହ୍ମଣ ନୁହେଁ, ସେ ଶୁଦ୍ର।" ଭଗବାନ କେବେ କହିନାହାନ୍ତି ଯେ ସେ ଜାତିକୁ 'କୁଳ' ଅନୁସାରେ ବାଣ୍ଟିଛନ୍ତି। ସେ ଜାତି ନିର୍ଣ୍ଣୟ କରିଛନ୍ତି 'ଗୁଣ' ଏବଂ 'କର୍ମ' ଅନୁସାରେ। ଆଶ୍ଚର୍ଯ୍ୟର କଥା, ଆଜିର ସମାଜ ଜନ୍ମକୁ ଗୁରୁତ୍ୱ ଦେଇ କର୍ମକୁ ପାଶୋରି ଦେଇଛି। 'ବାପ ଅଜା ନାମରେ କଖାରୁ କିଣିବା' ଭଳି ବ୍ରାହ୍ମଣ ପୁତ୍ର ଜ୍ଞାନ ନଥାଇ ମଧ୍ୟ ଶ୍ରେଷ୍ଠ ବୋଲାଇ ହେଉଛି।

ରାଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ଋଷିବର, ଆପଣ କହୁଛନ୍ତି କର୍ମ ଅନୁସାରେ ଜାତି ନିର୍ଣ୍ଣୟ ହୁଏ। ତେବେ ଗୋଟିଏ ପରିବାରରେ କ'ଣ ଭିନ୍ନ ଭିନ୍ନ ଜାତିର ଲୋକ ରହିପାରିବେ?"

ଋଷି ହସିଲେ ଏବଂ ଏକ ଜୀବନ୍ତ ଉଦାହରଣ ଦେଇ କହିଲେ, "ରାଜନ୍, ମନେକର ଗୋଟିଏ ପରିବାର ଅଛି। ସେଥିରେ, ଯିଏ ସକାଳୁ ଉଠି ସନ୍ଧ୍ୟା ଉପାସନା କରେ, ଶାସ୍ତ୍ର ପଢ଼େ ଏବଂ ପରିବାରକୁ ଉତ୍ତମ ସଂସ୍କାର ଦିଏ, ସେ ସେହି ସମୟରେ 'ବ୍ରାହ୍ମଣ'। ଯିଏ ପରିବାରର ସୁରକ୍ଷା ପାଇଁ ଲାଠି ଧରି ଠିଆ ହୁଏ, ଶତ୍ରୁ କବଳରୁ ସମସ୍ତଙ୍କୁ ବଞ୍ଚାଏ, ସେ ହେଉଛି 'କ୍ଷତ୍ରିୟ'। ଯିଏ ଦିନରାତି ପରିଶ୍ରମ କରି ବାହାରକୁ ଯାଇ ବାଣିଜ୍ୟ କରେ ଏବଂ ଅର୍ଥ ଉପାର୍ଜନ କରି ପରିବାରର ପେଟ ପୋଷେ, ସେ 'ବୈଶ୍ୟ' ଏବଂ ଯିଏ ସମସ୍ତଙ୍କର ସୁଖ-ସୁବିଧା ପାଇଁ ଘର ସଫା କରେ, ରନ୍ଧାବଢ଼ା କରେ ଏବଂ ସେବା କରେ, ସେ 'ଶୁଦ୍ର'। ଏହି ଚାରୋଟି ଶକ୍ତି ଗୋଟିଏ ପରିବାରରେ ନରହିଲେ, ସେ ପରିବାର ଛିନ୍ନଭିନ୍ନ ହୋଇଯିବ। ତେଣୁ ଜାତି କୌଣସି ଘରର ଚିହ୍ନ ନୁହେଁ, ଏହା ହେଉଛି କାର୍ଯ୍ୟର ବିଭାଜନ।"

ରାଜା ଋଷିଙ୍କୁ ପଚାରିଲେ, ମହର୍ଷି ! କ୍ଷତ୍ରିୟ,ବୈଶ୍ୟ କିମ୍ବା ଶୁଦ୍ର କୁଳରେ ଜନ୍ମିତ ସନ୍ତାନ ପରବର୍ତ୍ତୀ କର୍ମ ଅନସାରେ କ'ଣ ବ୍ରାହ୍ମଣ ହୋଇପାରିବେ ?

ଋଷି ସତ୍ୟେନ୍ଦ୍ର ମହାଭାରତର ପ୍ରସଙ୍ଗ ଟାଣି କହିଲେ, "ରାଜନ୍, ବିଦୁରଙ୍କ କଥା ମନେପକାଅ। ସେ ଦାସୀ ପୁତ୍ର ହୋଇ ମଧ୍ୟ ଜଣେ ଶ୍ରେଷ୍ଠ ଜ୍ଞାନୀ ଥିଲେ, ଯାହାଙ୍କ ପାଖକୁ ସ୍ୱୟଂ ଭଗବାନ କୃଷ୍ଣ ଭୋଜନ କରିବାକୁ ଯାଇଥିଲେ। କ'ଣ ସେ ବ୍ରାହ୍ମଣ ନଥିଲେ ? ମହର୍ଷି ବ୍ୟାସଦେବ ଏକ ମାଛଧରାଳି ମାତାଙ୍କ ପୁତ୍ର ଥିଲେ, କିନ୍ତୁ ସେ ବେଦ ବିଭାଜନ କରି 'ବ୍ରାହ୍ମଣ'ର ପରାକାଷ୍ଠା ଦେଖାଇଲେ। ସତ୍ୟକାମ ଜାବାଳଙ୍କ କଥା ମନେପକାଅ। ସେ ନିଜ ପିତାଙ୍କ ନାମ ଜାଣିନଥିଲେ, କିନ୍ତୁ ତାଙ୍କର ସତ୍ୟବାଦିତା ଗୁଣ ତାଙ୍କୁ ଜଣେ ମହାନ ବ୍ରାହ୍ମଣରେ ପରିଣତ କଲା। ମହର୍ଷି ବିଶ୍ୱାମିତ୍ର ଜନ୍ମରୁ କ୍ଷତ୍ରିୟ ଥିଲେ, କିନ୍ତୁ ନିଜର କଠୋର ତପସ୍ୟା ଓ ଜ୍ଞାନ ବଳରେ ସେ 'ବ୍ରହ୍ମର୍ଷି' ହେଲେ। ଏଥିରୁ ପ୍ରମାଣିତ ହୁଏ ଯେ ଚାରିଜାତି ପରବର୍ତ୍ତୀ କର୍ମ ଅନୁସାରେ ଜାତି ଚୟନ କରିପାରିବେ ।"

ରାଜା ପଚାରିଲେ, "ହେ ମହାତ୍ମା ! କିନ୍ତୁ ସମାଜରେ ତ କୁହାଯାଏ ଶୁଦ୍ର ସବୁବେଳେ ସେବା କରିବ।"

ଋଷି ଉତ୍ତର ଦେଲେ, "ଏହା ଏକ ଜଟିଳ ଭ୍ରାନ୍ତି। ଶୁଦ୍ର ସେତେବେ ବ୍ରାହ୍ମଣ ହେଇ ପାରିବ ଯେବେ ସେ ତା'ର କର୍ମ ବ୍ରାହ୍ମଣ କର୍ମ କରିବ। 'ଯେମିତି କର୍ମ ସେମିତି ଫଳ'। ଯଦି ଜଣେ ଶୁଦ୍ର ଜ୍ଞାନ ପ୍ରାପ୍ତ କରେ, ସେ ସର୍ବପୂଜ୍ୟ। ଯଦି ଜଣେ ବ୍ରାହ୍ମଣ ହୋଇ କୂଟକପଟ କରେ, ସେ 'ବାଇଆ ଚଢ଼େଇର ନୀଡ଼' ଭଳି ଅସ୍ଥିର ଏବଂ ନୀଚ।"

ରାଜା ପଚାରିଲେ, "ତା'ହେଲେ କ'ଣ ମଣିଷ ନିଜ ଇଚ୍ଛାରେ ଜାତି ଚୟନ କରିପାରିବ?"

ଋଷି ସତ୍ୟେନ୍ଦ୍ର କହିଲେ, " ଅବଶ୍ୟ ! ଜନ୍ମ ହେଉଛି କେବଳ ଏକ ମାଧ୍ୟମ। ମଣିଷ ନିଜର ଶିକ୍ଷା, ଗୁଣ ଏବଂ ସ୍ୱଭାବ ଅନୁସାରେ ନିଜର ବର୍ଣ୍ଣ ନିର୍ଣ୍ଣୟ କରେ। ଯଦି ବ୍ରାହ୍ମଣର ପୁତ୍ର ଅସ୍ତ୍ରଶସ୍ତ୍ର ଧରି ଯୁଦ୍ଧ ଭୂମିକୁ ଯାଏ, ତେବେ ସେ 'କ୍ଷତ୍ରିୟ'। ଯଦି ସେ ବ୍ୟବସାୟରେ ମନ ବଳାଏ, ତେବେ ସେ 'ବୈଶ୍ୟ'। ଯଦି ସେ କୌଣସି ଜ୍ଞାନ ନ ପାଇ କେବଳ ସେବା କର୍ମ କରେ, ତେବେ ସେ 'ଶୁଦ୍ର'। ପୃଥିବୀର କଲ୍ୟାଣ ପାଇଁ ସମସ୍ତଙ୍କର ଜନ୍ମ। କୌଣସି କାମ ଛୋଟ ନୁହେଁ। ବ୍ରାହ୍ମଣର ଜ୍ଞାନ ବିନା ସମାଜ ଅନ୍ଧ। ଶୁଦ୍ରର ସେବା ବିନା ବ୍ରାହ୍ମଣର ଧ୍ୟାନ ମଧ୍ୟ ସମ୍ଭବ ନୁହେଁ, ସମାଜ ମଧ୍ୟ ଅଚଳ। କ୍ଷତ୍ରିୟର ରକ୍ଷା ବିନା ବୈଶ୍ୟର ବାଣିଜ୍ୟ ସମ୍ଭବ ନୁହେଁ ଏବଂ କ୍ଷତ୍ରିୟର ଶୌର୍ଯ୍ୟ ବିନା ନ୍ୟାୟ ମଧ୍ୟ ଅସମ୍ଭବ। ବୈଶ୍ୟର ବାଣିଜ୍ୟ ବିନା ଅର୍ଥନୀତି ଶୂନ୍ୟ। ସମସ୍ତେ ପରସ୍ପରର ପରିପୂରକ। "

ବ୍ରହ୍ମର୍ଷି ସତ୍ୟେନ୍ଦ୍ର ପୁଣି କହିଲେ, "ରାଜନ୍, ଯେତେବେଳେ ଜଣେ ଶିକ୍ଷକ ଶିକ୍ଷା ଦିଅନ୍ତି, ସେ ବ୍ରାହ୍ମଣ। ସେହି ଶିକ୍ଷକ ଯଦି ପରିବାରର ରକ୍ଷା ପାଇଁ ଅସ୍ତ୍ର ଧରନ୍ତି, ସେ କ୍ଷତ୍ରିୟ। ଯଦି ସେ ଅର୍ଥ ଉପାର୍ଜନ ପାଇଁ କିଛି ବ୍ୟବସାୟ କରନ୍ତି, ସେ ବୈଶ୍ୟ ଏବଂ ଯଦି ସେ ଜଣେ ରୋଗୀର ସେବା କରନ୍ତି, ସେ ଶୁଦ୍ର। ତେଣୁ ଜଣେ ବ୍ୟକ୍ତି ନିଜ ଜୀବନକାଳ ମଧ୍ୟରେ ଚାରୋଟିଯାକ ବର୍ଣ୍ଣରେ ଜୀବନ ଅତିବାହିତ କରିପାରେ।" ଧାରାରେ କର୍ମ ଅନୁସାରେ ହିଁ ବର୍ଣ୍ଣ ବିଭାଜନ ହୁଏ। ଶିକ୍ଷକ, ବିଚାରପତି ଓ ବୈଜ୍ଞାନିକମାନଙ୍କ କର୍ମ ଅନୁସାରେ ହିଁ ସେମାନେ ବ୍ରାହ୍ମଣ (ଜ୍ଞାନ ଦାତା); ପୁଲିସ ଓ ସୈନ୍ୟବାହିନୀ କ୍ଷତ୍ରିୟ (ରକ୍ଷାକର୍ତ୍ତା); ବ୍ୟବସାୟୀ ଓ ବ୍ୟାଙ୍କରମାନେ ବୈଶ୍ୟ (ଅର୍ଥନୀତି ପରିଚାଳକ) ଏବଂ ଡାକ୍ତର, ନର୍ସ ଓ ସମସ୍ତ ସେବା ପ୍ରଦାନକାରୀ ଶୁଦ୍ର (ମାନବ ସେବକ) ଶ୍ରେଣୀଭୁକ୍ତ। ଏହିପରି ଭାବେ ବୃତ୍ତି ହିଁ ଜଣେ ବ୍ୟକ୍ତିର ପ୍ରକୃତ ଜାତି ନିର୍ଣ୍ଣୟ କରିଥାଏ।

ସେ ଋଷିଙ୍କୁ କହିଲେ, " ଆଜି ମୁଁ ବୁଝିଗଲି, ପୃଥିବୀର କଲ୍ୟାଣ ପାଇଁ ସମସ୍ତଙ୍କର ଜନ୍ମ। ମୋ ମନର ସମସ୍ତ ସନ୍ଦେହ ଦୂର ହେଲା। ମୁଁ ବୁଝିପାରିଲି ଯେ ସମାଜରେ ଉଚ୍ଚ-ନୀଚର ଭେଦଭାବ କେବଳ ଅଜ୍ଞାନତା। ବ୍ରାହ୍ମଣ ପରିବାର ବୋଲି ବାସ୍ତବରେ କିଛି ନାହିଁ, ଅଛି କେବଳ 'ବ୍ରାହ୍ମଣତ୍ୱ', ଯାହା କର୍ମରୁ ଆସେ। ଜନ୍ମରେ କେହି ମହାନ୍ ହୁଏ ନାହିଁ। କର୍ମ ହିଁ ମଣିଷର ଅସଲ ପରିଚୟ। ଯିଏ ସମାଜର କଲ୍ୟାଣ ପାଇଁ ସତ୍ୟ ଓ ନ୍ୟାୟ ପଥରେ କାର୍ଯ୍ୟ କରେ, ସେ ହିଁ ଶ୍ରେଷ୍ଠ। ଆଉ ଏ ସମାଜ ହେଉଛି ଏକ ବିରାଟ ପୁରୁଷର ଶରୀର ଭଳି। ପାଦ (ଶୁଦ୍ର) ନଥିଲେ ଶରୀର ଚାଲିବ ନାହିଁ, ହାତ (କ୍ଷତ୍ରିୟ) ନଥିଲେ ରକ୍ଷା ହେବ ନାହିଁ, ପେଟ (ବୈଶ୍ୟ) ନଥିଲେ ଶକ୍ତି ମିଳିବ ନାହିଁ ଏବଂ ମସ୍ତକ (ବ୍ରାହ୍ମଣ) ନଥିଲେ ଚିନ୍ତାଶକ୍ତି ରହିବ ନାହିଁ। ସମସ୍ତେ ପରସ୍ପର ସମାନ। "

ସେ ଋଷିଙ୍କୁ ପ୍ରଣାମ କରି କହିଲେ, "ହେ ମହାତ୍ମା ! ଆପଣ ମୋତେ ପରମ ସତ୍ୟର ଦର୍ଶନ କରାଇଲେ। ଆଜିଠାରୁ ମୋ ରାଜ୍ୟରେ ଜନ୍ମ ନୁହେଁ, କର୍ମ ହିଁ ମାନଦଣ୍ଡ ହେବ।"

ରାଜା ନିଜ ପ୍ରାସାଦକୁ ଫେରିଲେ ଏବଂ ଏକ ବିଶାଳ ସମାବେଶର ଆୟୋଜନ କଲେ। ସେଠାରେ ସେ ଘୋଷଣା କଲେ ଯେ ବ୍ରାହ୍ମଣ ଘରେ ଜନ୍ମ ନେଲେ କେହି ଆଜନ୍ମ ବ୍ରାହ୍ମଣ ନୁହେଁ। ଶୁଦ୍ର ଘରର ସନ୍ତାନ ଯଦି ଜ୍ଞାନୀ, ସେ ସର୍ବପ୍ରଥମେ ପୂଜା ପାଇବ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ତା'ର ରୁଚି ଓ ଯୋଗ୍ୟତା ଅନୁସାରେ ନିଜର ବର୍ଣ୍ଣ ଚୟନ କରିବାର ଅଧିକାର ଅଛି।

ସେହି ଦିନଠାରୁ ସେହି ସାମ୍ରାଜ୍ୟରେ କେହି କାହାକୁ ଘୃଣା କଲେ ନାହିଁ। ବ୍ରାହ୍ମଣ ଶୁଦ୍ରର ସେବାକୁ ସମ୍ମାନ ଦେଲା ଏବଂ ଶୁଦ୍ର ବ୍ରାହ୍ମଣର ଜ୍ଞାନକୁ ଶ୍ରଦ୍ଧା କଲା। ସମଗ୍ର ସମାଜ ଏକ ସୁନ୍ଦର ପରିବାର ପରି ହୋଇଗଲା।

*ନିର୍ଦ୍ଦେଶକ ଓ ପ୍ରକାଶକ, ପ୍ରେମ ସମ୍ରାଟ ପ୍ରକାଶନୀ, ୨୪୨, ହାଇସ୍କୁଲ ରୋଡ୍, ଦଣ୍ଡାସିଂହା, ବାରକୋଟ, ଦେବଗଡ଼, ପିନ୍ - ୭୬୮୧୦୮, ଭ୍ରାମ୍ୟଭାଷ- ୯୭୬୮୨୪୨୭୨୦*

## ମଧୁବାବୁ: ହୃଦୟର ଅନ୍ତର୍ଦ୍ଧ୍ୱନୀ




ଯେତେବେଳେ ମାଟି କାନ୍ଦୁଥିଲା
ନିଜ ନାମ ପାଇଁ,
ଯେତେବେଳେ ଭାଷା ହରାଇଥିଲା
ନିଜର ଶବ୍ଦର ସ୍ୱର-
ସେତେବେଳେ ତୁମେ ଆସିଥିଲ,
ମଧୁବାବୁ!
ଏକ ଅକ୍ଷର ଭଳି
ଜୀବନ ଲେଖିବାକୁ।
ତୁମ ଆଖିରେ ଥିଲା
ଅନେକ ଅଶ୍ରୁର କାହାଣୀ
କିନ୍ତୁ ତୁମ ହସ
ଲୁଚାଇ ଦେଇଥିଲା
ସମସ୍ତ ବେଦନା।
ତୁମେ ଶିଖାଇଥିଲ -
'ମାଟିକୁ ଭଲ ପାଅ
ସେଥିରେ ତୁମର ଜୀବନ ଅଛି,'
କିନ୍ତୁ ଆମେ କେତେଥର
ସେ କଥାକୁ ଭୁଲିଯାଉଛୁ!
ଆଜି
ସ୍କ୍ରିନର ଆଲୋକରେ
ଆମ ଚକ୍ଷୁ ଆଲୋକିତ
କିନ୍ତୁ ହୃଦୟ ଅନ୍ଧକାର-
ସେଠି ତୁମର ଆଲୋକ
ଆଉ ଥରେ ଦରକାର।
ମଧୁବାବୁ!
ତୁମ ନାମ କହିଲେ
ମାଟିର ଗନ୍ଧ ଆସେ,
ଏକ ଅସୀମ ସ୍ନେହ
ହୃଦୟକୁ ଭିଜାଇ ଦିଏ।
ତୁମେ କେବଳ ଏକ ନେତା ନୁହେଁ
ତୁମେ ଏକ ମାଆର ନିଶ୍ୱାସ
ଏକ ଯୁବକର ସ୍ୱପ୍ନ,
ଏକ ଜାତିର ଅଶ୍ରୁରେ ଲେଖା
ସବୁଠୁ ସୁନ୍ଦର କବିତା।
ଆଜି ଯଦି
ତୁମେ ଥାଆନ୍ତ,
ତଥାପି ପଚାରିଥାନ୍ତ-
'ତୁମେ ଆହୁରି ଭଲ ପାଉଛ କି
ତୁମ ମାଟିକୁ?'
ମଧୁବାବୁ?
ତୁମେ ଯାଇନାହଁ-
ତୁମେ ରହିଛ
ପ୍ରତ୍ୟେକ ଅଶ୍ରୁରେ,
ପ୍ରତ୍ୟେକ ଆଶାରେ,
ଏବଂ
ପ୍ରତ୍ୟେକ ଓଡ଼ିଆର
ନୀରବ ପ୍ରାର୍ଥନାରେ।

**ଛବିଳ କୁମାର ସାହୁ**
କଳା ଶିକ୍ଷକ, କୁଣ୍ଡାପିଠା ଉଚ୍ଚ ବିଦ୍ୟାଳୟ, କୁଣ୍ଡାପିଠା, ଦେବଗଡ଼
ମୋ: ୯୯୩୮୦୯୯୪୯୬

ଜାତୀୟ ଚେତନା
JATIYA CHETANA





# ପ୍ରେମ ଫୁଲ

ଅଫିସ୍‌ରୁ ଫେରି ସେଦିନ ମାଆ ସୁଭଦ୍ରାଙ୍କୁ ପୁଅ ସରୋଜ କହିଲେ, ମାଆ କାଲି ସକାଳୁ ତୁ ଆଉ ବାପା ଟିକେ ଚଞ୍ଚଳ ଉଠି ସକାଳ ପାଞ୍ଚଟା ପୂର୍ବରୁ ନିତ୍ୟକର୍ମ ସାରିଦେଇଥିବ ଯେ ବୈଶାଖିରେ କାଲି ଦକ୍ଷିଣେଶ୍ୱର କାଳୀ ମାଆଙ୍କୁ ଦର୍ଶନ କରିବାକୁ ଯିବା। ଓଡ଼ିଶାର ପୁରୀ ସହରରୁ ଆସି କଲିକତାରେ ଦ୍ୱିତୀୟ ଦିନ ବା ତୃତୀୟ ଦିନ ମହାବିଷୁବ ସଂକ୍ରାନ୍ତି ପଡୁଥିବାରୁ ସୁଭଦ୍ରାଙ୍କ ମନେପଡୁଥିଲା ଆଜି ପୁରୀରେ ଥିଲେ ଚଉରା ମୂଳେ ଚାଞ୍ଚ ଇତ୍ୟାଦି ବାନ୍ଧି ବୈଶାଖି ଝୁଲେଇ ବିଷୁବ ପଣାକୁ କୁଶ ଦେଇ ଟୋପା ଟୋପା ଚଉରା ଉପରେ ଥିବା ବୃନ୍ଦାବତୀ ଦେବୀଙ୍କୁ ସମର୍ପଣ ସହିତ ବ୍ରାହ୍ମଣଙ୍କୁ ନବବସ୍ତ୍ର, ପଇତା, ଗାମୁଛା, ଛତୁଆ, ପଣା, ବିଞ୍ଚଣା ସାଙ୍ଗକୁ ଦକ୍ଷିଣା ଦେଇ ସନ୍ତୁଷ୍ଟ କରିବା ସହ ସାହି, ପଡୋଶୀ, ସାଙ୍ଗ ସାଥିଙ୍କ ସହିତ ପଣା ପିଇବାର ମଜା ନେବା ସହ ପ୍ରେମ, ପ୍ରୀତି, ମୈତ୍ରୀ ଭାବ ବଢ଼େଇ କହିଥାଆନ୍ତେ। ହାପି ପଣା ଓ ଘରଦ୍ୱାର ମହକିତ କରିଥାନ୍ତେ ଦୀପ, ଧୂପ ଓ ଝୁଣାରେ। ଯାହା ହେଉ ଏଠି ଆଜି ହାପି ବୈଶାଖୀ କହି ଟିକି ନାତିର କିଣ୍ଡରଗାର୍ଟେନ ବା ପ୍ଲେ ସ୍କୁଲରୁ ମିଳିଥିବା ହାତ ତିଆରି ବିଞ୍ଚଣା ସାଙ୍ଗକୁ ଚିତ୍ର କରା ଘଡି ଦେଇ ତାଙ୍କ ମିସ୍ ଜଣେଇଛନ୍ତି ବଧେଇ। ସେତିକି ନୁହଁ ବରଂ ଅଟୋ ରେ ନାତିକୁ ନେଇ ଫେରିଲା ବେଳେ ବୋହୂ ରୋଜା ଦେଖେଇଦେଇଥିଲା ତାଙ୍କ ଫ୍ଲାଟ ପାଖରେ ଥିବା ଶନିମନ୍ଦିର। ଯେଉଁଠି ସୂର୍ଯ୍ୟଙ୍କ ପୁତ୍ର ଶନିଙ୍କ ସହ କଲିକତା କାଳୀଙ୍କ ପରି ଦେବୀଙ୍କ ପ୍ରତିମୂର୍ତ୍ତି ଓ ଶିବଶଙ୍କର ପୂଜା ପାଉଥିଲେ ତ ବିଷୁବ ସଂକ୍ରାନ୍ତି ଦିନ ସେଇଠି ଆସି ମୁଣ୍ଡିଆ ମାରିବେ ଭାବିଥିବା ସୁଭଦ୍ରାଙ୍କୁ ଗୋଲଡେନ ଅପରଚୁନିଟ ବା ସୁବର୍ଣ୍ଣ ସୁଯୋଗ ମିଳିଗଲା ପୁଅ ସରୋଜ କଥା ଶୁଣି।

ସତରେ ମଣିଷ ଯାହା ଭାବେ ତାହା ନ ହୋଇ ଦଇବ ଦଉଡ଼ି ମଣିଷ ଗାଇ, ଯେଣିକି ଟାଣଇ ସେଣିକି ଯାଇ ନ୍ୟାୟରେ ଯାହା ଭବିତବ୍ୟ ତାହା ଘଟିଥାଏ। ସୁନେଲି ସକାଳୁ ଉଠୁ ଉଠୁ କାଳିର ସେଇ ନୀଳକଣ୍ଠି ପକ୍ଷୀ ଦମ୍ପତ୍ତିକୁ ଦେଖିବା ପରେ ପରେ ନିତ୍ୟକର୍ମ ସାରି ଶନି ମନ୍ଦିର ଯିବାକୁ ବାହାରିବେ କ'ଣ ବିନା ଆଲାରାମରେ ରାତି ତିନିରୁ ନିଦ ଭାଙ୍ଗିଲା। ସ୍ୱାମୀ, ପୁଅବୋହୂ ସହିତ ଟିକି ନାତିକୁ ନେଇ କାର ଗଡୁଥିଲା ସୁଭଦ୍ରାଙ୍କ ସହ ଦକ୍ଷିଣେଶ୍ୱର କାଳୀ ପୀଠ ଅଭିମୁଖେ। ରାସ୍ତା ସାରା ସ୍ୱାମୀ ବିବେକାନନ୍ଦ, ସୁଭାଷ ବୋଷଙ୍କ କୀର୍ତ୍ତି ସହ ମନେପଡୁଥିଲା ସେମାନଙ୍କ କିମ୍ବଦନ୍ତୀ ଓ ଏଠି ଚାକ୍ଷୁଷ ପ୍ରମାଣ ସ୍ୱରୂପ ଦେଖିବାକୁ ମିଳୁଥିଲା ସେମାନଙ୍କ କୀର୍ତ୍ତୀରାଜି। ପହଞ୍ଚିଗଲା ପରେ ଜିନିଷ ପତ୍ର ମାନେ ଫୋନ, ଜୋତା, ଛତା ରଖି ଆମେ ଆଗେଇ ଚାଲିଲୁ ଦର୍ଶନକୁ। ସବୁଠି ଧାଡ଼ି। ଆଜି ପୁଣି ବୈଶାଖିର ପ୍ରଥମ ସକାଳ ତ ଭିଡ଼ ଜୋର। ଧାଡ଼ିରେ ଠିଆ ହୋଇ ଚାହିଁଲେ ସୁଭଦ୍ରା। ସମସ୍ତଙ୍କ ହାତରେ ଶ୍ରଦ୍ଧାର ନୈବେଦ୍ୟ ସାଙ୍ଗକୁ ପତ୍ରଠୋଲାରେ ଫୁଲ। ସେ ତ ଆଣିନାହାଁନ୍ତି। ସ୍ୱାମୀଙ୍କୁ କହିଲେ ସେ ବା କୋଉଠୁ ଆଣିବେ। ପୁଅ ସରୋଜ ଟିକି ନାତିକୁ ଧରି ବାଟ କଢ଼େଇବାରେ ବ୍ୟସ୍ତ। ଉଡ଼ିଯାଉଥିବା ପାରା ଦଳଙ୍କୁ ଦେଖେଇ ବୋହୂ ରୋଜା କେତେବେଳେ ଟିକି ପୁଅକୁ ବୁଝେଇ ରଖୁଛି ତ ଅବୁଝା ନାତିକୁ କାନ୍ଧୁଅ କରି ନିଜେ ସରୋଜ କେବେ ଆଗକୁ ବଢୁଥିଲା ବେଳେ ସୁଭଦ୍ରାଙ୍କ ଆଖିରେ ନାଚୁଥିଲା ଭକ୍ତସମୂହଙ୍କ ହାତରେ ଭୋଗ ଠୋଲା ସହ ନାଲି ମନ୍ଦାର ଫୁଲ।

ଆଗେଇ ଯାଉଛି ଧାଡ଼ି। ଆଗେଇ ଯାଉଛନ୍ତି ସୁଭଦ୍ରା ନିରାଶରେ। ମନକୁ ମନ ବୁଝେଇ ଚାଲିଛନ୍ତି ନ ହେଲା ନାହିଁ ଫୁଲ ପଛେ କେବଳ ଦର୍ଶନ କରିବେ ଦକ୍ଷିଣେଶ୍ୱରଙ୍କୁ। ଏତିକି ବେଳେ ପାରା ଦଳ ଭିତରେ ଥିବା ଦୁଇ ଧଳା ପାରା ସୁଭଦ୍ରା ଚାଲୁଥିବା ଧାଡି ଉପରେ ଉଡି ଯାଉ ଯାଉ ସରୋଜ ଉପରେ ଝାଡା କଲେ। ରୋଜା ସେସବୁକୁ ପଡ଼ିଥିବା ପାରା ପର ଯୋଗେ ସଫା କରିବାକୁ ଚେଷ୍ଟା ଚରିତ୍ର ଜାରି ରଖିଲା ବେଳେ ସେମାନେ ସବୁ ପଛକୁ ପଛ ପହଞ୍ଚି ଯାଇଥିଲେ ପାହାଚ ପାଖେ। ଫୁଲ ଆଣିପାରିନଥିବା ଦୁଃଖ ଭୁଲି ଦକ୍ଷିଣେଶ୍ୱର ଦର୍ଶନକୁ ଭିତରକୁ ଯାଇ ଦେଖିଲା ବେଳକୁ ଦେବୀ ମାଆ ଦକ୍ଷିଣେଶ୍ୱର କାଳୀ ଠାକୁରାଣୀ। ନନା ସମସ୍ତଙ୍କଠୁଁ ଭୋଗ ଠୋଲା ସହ ଭକ୍ତି ପ୍ରେମ ଫୁଲ ଗ୍ରହଣ କରି ମାଆଙ୍କୁ ଅର୍ପଣ କଲାବେଳେ ସୁଭଦ୍ରାଙ୍କ ହାତକୁ ସ୍ୱତଃ ନାଲି ମନ୍ଦାର ଦୁଇଟି ବଢ଼େଇ ଦେଇଥିଲେ। ସେହି ଫୁଲ ଦୁଇଟିରେ ସୁଭଦ୍ରା ତାଙ୍କ ପୁଅ ସରୋଜ ଓ ସ୍ୱାମୀ ଆଦିକନ୍ଦ ତଥା ବୋହୁ ରୋଜା ସହିତ ଟିକି ନାତି ବାବାକୁ ପରସ୍ତେ ଲେଖାଏଁ ଝାଡ଼ି ଚାଲିଥାନ୍ତି। ଆଦିକନ୍ଦ ବାବୁ ଯେବେ ବେଢା ର ଦକ୍ଷିଣ ପଟେ ଥିବା ଶିବଲିଙ୍ଗ ଦର୍ଶନ ପାଇଁ ଡାକୁଥାଆନ୍ତି ସୁଭଦ୍ରାଙ୍କୁ ତ ଫୁଲ ଦୁଇଟି ତାଙ୍କ ହାତକୁ ବଢ଼େଇ ପାଣି ଲାଗି କରିବାକୁ ନିଜେ ଆଗେଇ ଯାଉ ଯାଉ ଆଦିକନ୍ଦ କହୁଥିଲେ ଓଡ଼ିଶା ଫେରିଲେ ପାଣିଲାଗି କରିବ। ଏବେ ରଖ ତୁମ ନାଲି ମନ୍ଦାର ଫୁଲ। ତ ହଁ ହଁ ଦିଅ ମୋ ଦୁଇ ପ୍ରେମ ଫୁଲ ଦିଅ କହି କାନିରେ ସାତ ଗଣ୍ଠି ଦେଇ ସାଇତି ରଖୁଥିଲେ ସୁଭଦ୍ରା ଓ କହୁଥିଲେ ଦେଖୁନ ଦକ୍ଷିଣେଶ୍ୱର କାଳୀ ଶୁଣି ମଧ୍ୟ ତାଙ୍କୁ ଶିବ ଭାବି କେଡେ ଭୁଲ କରିଥିଲି ହେଲେ ଦକ୍ଷିଣେଶ୍ୱର କାଳୀ ମାଆ ପ୍ରେମ ଫୁଲ ଦୁଇ ଦେଇ ମନେପକେଇ ଦେଇଛନ୍ତି ମାଆ ସବୁବେଳେ ସନ୍ତାନର ମଙ୍ଗଳ ହିଁ ଚାହେଁ। ପୁଅ ସରୋଜ ଡାକୁଥିଲା ଚଞ୍ଚଳ ଆସ ମାଆ ବେଲୁର ମଠ ଦେଖିବା। ଟିକି ନାତି ଦରୋଟି ଭାଷାରେ କଥା କହୁଥିଲା ହାଉଡ଼ା ବ୍ରିଜ ତଳେ ଗଙ୍ଗା ମାଆ କୋଳେ ବୋଟିଙ୍ଗ କରିବା ଚାଲ ଚାଲ।

*ସୁନନ୍ଦା ମହାନ୍ତି*
*ସାକ୍ଷୀଗୋପାଳ, ପୁରୀ*

## ଜୀବନର ଗତି



ଜୀବନର ଗତି ଧୀର ସ୍ଥିର ଅତି
କେବେ ମନ ସମ ବେଗମାନ,
ଜୀବନର ଗତି ଅସମ୍ଭାଳ ସ୍ଥିତି
ରକେଟ୍ ପରାଏ କ୍ଷିପ୍ର ଯାନ।
ଜୀବନର ଗତି ଖୋଜି ହୁଏ ପ୍ରୀତି
ସେନେହ ଶରଧା ବାରିଧାରା,
ଜୀବନର ଗତି ସୁନ୍ଦର ପ୍ରକୃତି
କେବେ ରମ୍ୟ ସବୁଜିମା ଭରା।
ଜୀବନର ଗତି ଖେଳ କିତି କିତି
ଛୋଟ ଝିଅ ଏକ ଗୋଡ଼ ଡିଆଁ,
ଜୀବନର ଗତି ସତେ ବିଭୁ ନୀତି
ଜଳେ ଏଠି ଧୂପ ଦୀପ ନିଆଁ ।
ଜୀବନର ଗତି ଗୁଳିବିଦ୍ଧ ହାତୀ
ଜିଇଁ ଥିବା ଯାଏ ଥାଏ ପୀଡ଼ା,
ଜୀବନର ଗତି କେବେ ଲାଭ କ୍ଷତି
ଦୁଃଖ ସହ ସୁଖ ବିଡ଼ା ବିଡ଼ା।
ଜୀବନର ଗତି ଯାଉଥାଏ ବିତି
କେବେ ପଟା କେବେ ଗଦି ଶେଯ,
ଜୀବନର ଗତି କେବେ ମାଟି ମୂର୍ତ୍ତି
ଭାଜି ଗଲେ ତାକୁ କିଆଁ ଖୋଜ !
ଜୀବନର ଗତି ପଥେ ମିଳେ ମୋତି
ପାଇ ହରାଇବା ପୁରା ଥୟ,
ଜୀବନର ଗତି ମୃତ୍ୟୁପଥ ଯାତ୍ରୀ
ପରମେଶ୍ୱରଙ୍କୁ କର ଲୟ।
ଜୀବନର ଗତି କେବେ ଶ୍ଳୋକ ସ୍ତୁତି
ସଭିଙ୍କୁ ତୋଷିବା ଭାରି ଭିଡ଼,
ଜୀବନର ଗତି ପଥେ ମିଳେ ମୁକ୍ତି
ଭେଟି ଚାଲ କେତେ କେତେ ଝଡ଼ ?

**କବିଜ୍ୟୋତି ନିରଞ୍ଜନ ପତି**
ବାଇଁଶିଆ, ମହିମାଗାଦି, ଢେଙ୍କାନାଳ
ମୋ: ୯୯୩୮ ୧୩୩୫୫୯

## ନାରୀ

ଅଭିନ୍ନ ମୁଁ ପ୍ରଜ୍ୱଳିତ
ଦୀପ ଶିଖା ସହ
ପରମ ସୁଖ ମୋ
ନିଜେ ଜଳି ଚାରିପାଖ
ଆଲୋକିତ କରିବାରେ
ଅପୂର୍ବ ଆତ୍ମଶାନ୍ତି।
ପୁଣି କେବେ ଓଠରେ
ଚେନାଏ ମିଛ ହସ
ରେଖା ଦିଏ ଆଙ୍କି
ନିଜ ହାତେ ଜାଳୁଥାଏ
ପ୍ରଦୋଷ ଆଳତୀ
ଟିକି ସଂସାରର
ସୁଖ ମଙ୍ଗଳ ମନାସୀ।
ଗଳାର ଭାରି ମଙ୍ଗଳସୂତ୍ର
ବାହୁର କଙ୍କଣ ଭିତରେ
ଥାଏ ଲମ୍ବା ଆୟୁଷ ସ୍ୱାମୀର।
ବ୍ୟସ୍ତ ମୁଁ ଗାଢ଼ ଲାଲ୍
କରିବାକୁ ସିନ୍ଥିର ସିନ୍ଦୂର।

**ମନୀଷା ପଣ୍ଡା**
ଅଙ୍କରାନ୍ତିପୁର, ଢେଙ୍କାନାଳ

## ଜୁନ୍ ୨୬ ପର୍ଯ୍ୟନ୍ତ ଘରୋଇ ମ୍ୟାଚ୍ ଖେଳିପାରିବେନି ବିନେଶ

ଜିନ୍ଦ୍,(ଏଜେନ୍ସି): ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ଅଲିମ୍ପିଆନ୍ ରେସଲର ବିନେଶ ଫୋଗାଟ୍‌ଙ୍କ ଉପରେ ଜୁନ୍ ୨୬ ପର୍ଯ୍ୟନ୍ତ ଘରୋଇ ପ୍ରତିଯୋଗିତା ଖେଳିବା ଉପରେ ପ୍ରତିବନ୍ଧକ ଲଗାଇଛି। ଶୃଙ୍ଖଳାଗତ ଉଲ୍ଲଂଘନ ଏବଂ ଆଣ୍ଟି-ଡୋପିଂ ନିୟମ ଭଙ୍ଗ କରିଥିବା ଅଭିଯୋଗରେ ଡବ୍ଲ୍ୟୁଏଫ୍ଆଇ ଶନିବାର ଫୋଗାଟ୍‌ଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ତେବେ ଡବ୍ଲ୍ୟୁଏଫ୍ଆଇ ପକ୍ଷରୁ ଜାରି କରାଯାଇଥିବା ୧୫ ପୃଷ୍ଠାର ନୋଟିସ୍‌ରେ ଉଲ୍ଲେଖ କରାଯାଇଛି ଯେ, ବିନେଶ ଅବସରରୁ ଫେରିବା ପାଇଁ ୬ ମାସ ପୂର୍ବରୁ କୌଣସି ସୂଚନା ଦେଇନାହାନ୍ତି। ଏହାଦ୍ୱାରା ଡବ୍ଲ୍ୟୁଏଫ୍ଆଇ ସମ୍ବିଧାନ, ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ନିୟମ ଏବଂ ଆଣ୍ଟି-ଡୋପିଂ ନିୟମାବଳୀର ଉଲ୍ଲଂଘନ ହୋଇଛି।

ମହାସଂଘ କହିଛି ଯେ ବିନେଶଙ୍କ ଏଭଳି ବ୍ୟବହାର ଯୋଗୁଁ ଭାରତୀୟ କୁସ୍ତିର ଭାବମୂର୍ତ୍ତି ଖରାପ ହୋଇଛି ଏବଂ ଜାତୀୟ ସ୍ତରରେ ଆମକୁ ଲଜ୍ଜିତ ହେବାକୁ ପଡ଼ିଛି। ଫଳରେ ଡବ୍ଲ୍ୟୁଏଫ୍ଆଇ, ବିନେଶଙ୍କୁ ଚାରିଟି ପ୍ରମୁଖ ଅଭିଯୋଗ ଉପରେ ଜବାବ ମାଗିବା ସହ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେନେଇ ପ୍ରଶ୍ନ କରିଛି। ସୂଚନାଯୋଗ୍ୟ ଯେ, ଅଗଷ୍ଟ ୨୦୨୪ରେ ପ୍ୟାରିସ୍ ଅଲିମ୍ପିକ୍ସ ସମୟରେ ଅଧିକ ଓଜନ ଯୋଗୁଁ ବିନେଶ ଫୋଗାଟ୍‌ଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ସେହି ସମୟରେ ସେ କୁସ୍ତିରୁ ଅବସର ନେବାକୁ ଘୋଷଣା କରିଥିଲେ।

## ପ୍ଲେ-ଅଫ୍ ଦୌଡ଼ରୁ ବାହାର ରଷଭ୍ ବାହିନୀ

# ଲକ୍ଷ୍ନୌକୁ ୫ ୱିକେଟ୍‌ରେ ପରାସ୍ତ କଲା ଚେନ୍ନାଇ

ଚେନ୍ନାଇ,(ଏଜେନ୍ସି): ଆଇପିଏଲ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ (ସିଏସ୍‌କେ), ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ୫ ୱିକେଟରେ ପରାସ୍ତ କରିଛି। ଚେନ୍ନାଇ ସ୍ଥିତ ଚେପକ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ଅଧିନାୟକ ଋତୁରାଜ ଗାଏକ୍‌ୱାଡ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ଧାର୍ଯ୍ୟ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୩ ରନ୍ କରିଥିଲା।

ଲକ୍ଷ୍ନୌ ପକ୍ଷରୁ ଜୋସ୍ ଇଂଲିଶ୍ ୩୩ ବଲ୍‌ରୁ ସର୍ବାଧିକ ୮୫ ରନ୍ କରିଥିବା ବେଳେ ଶେହବାଜ୍ ଅହମଦ୍ ୨୫ ବଲ୍‌ରୁ ୪୩ ରନ୍ କରିଥିଲେ। ଏହି ଦୁଇ ଖେଳାଳିଙ୍କୁ ବାଦ୍ ଦେଲେ ଲକ୍ଷ୍ନୌର ଅନ୍ୟ କୌଣସି ଖେଳାଳି ବ୍ୟକ୍ତିଗତ ଭାବେ ୨୦ ରନ୍ ମଧ୍ୟ ଛୁଇଁପାରିନଥିଲେ। ଅଧିନାୟକ ଋଷଭ୍ ପନ୍ତ୍ ୧୨ ବଲ୍‌ରୁ ୧୫ ରନ୍, ମିଚେଲ୍ ମାର୍ଶ ୧୦ ବଲ୍‌ରୁ ୧୦ ରନ୍ କରି ପାଭିଲିୟନ୍ ଫେରିଥିଲେ। ନିକୋଲାସ୍ ପୁରନ୍ ଆଜି ପୁଣିଥରେ ପ୍ରଶଂସକଙ୍କୁ ନିରାଶ କରିଥିଲେ। ସେ ମାତ୍ର ୧ ରନ୍ କରି କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ସେହିପରି ଦଳର ଅନ୍ୟତମ ଭରସାଯୋଗ୍ୟ ବ୍ୟାଟ୍ସମ୍ୟାନ୍ ଏଡେନ୍ ମାରକ୍ରମ ମାତ୍ର ୬ ରନ୍ କରି ଖେଳୁଥିବା ବେଳେ ଦୁର୍ଭାଗ୍ୟବଶତଃ ରନ୍ ଆଉଟ୍ ହୋଇଯାଇଥିଲେ। ଅକ୍ଷତ୍ ରଘୁୱଂଶୀ ଏବଂ ହିମତ୍ ସିଂହଙ୍କ ଯଥାକ୍ରମେ ୧୮ ଏବଂ ୧୭ ରନ୍‌ର ପାଳି ଏବଂ ପ୍ରତିପକ୍ଷ ବୋଲରଙ୍କ ଠାରୁ ମିଳିଥିବା ଅତିରିକ୍ତ ୮ ରନ୍ ସହ ଦଳ ୨୦୩ ରନ୍‌ରେ ସୀମିତ ରହିଥିଲା। ଚେନ୍ନାଇ ପକ୍ଷରୁ ଜେମି ଓଭରଟନ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ଅନ୍‌ସୁଲ୍ କମ୍ବୋଜ ୨ଟି ଏବଂ ନୁର ଅହମଦ୍ ୧ଟି ଲେଖାଏ ୱିକେଟ୍ ହାସଲ କରିଥିଲେ।

ଅନ୍ୟପକ୍ଷେ ୨୦୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଚେନ୍ନାଇ କିନ୍ତୁ ପ୍ରଥମରୁ ଭଲ ଖେଳିଥିଲା। ଯଦିଓ ସଞ୍ଜୁ ସାମସନ୍ ୧୪ ବଲ୍‌ରୁ ୨୮ ରନ୍ କରି ଆଉଟ୍ ହୋଇଯାଇଥିଲେ ଅଧିନାୟକ ଋତୁରାଜ କିନ୍ତୁ ୨୮ ବଲ୍‌ରୁ ୪୨ ରନ୍‌ର ପାଳି ଖେଳିଥିଲେ ଯାହାକି ଦଳକୁ ଏକ ଭଲ ପ୍ରାରମ୍ଭ ଦେଇଥିଲା। ସେହିପରି ଉର୍ବିଲ୍ ପଟେଲ୍ ୨୩ ବଲ୍‌ରୁ ଦ୍ରୁତ ୬୫ ରନ୍ (୮ଟି ଛକା, ୨ଟି ଚୌକା) ସଂଗ୍ରହ କରିଥିଲେ। ଉର୍ବିଲ୍‌ଙ୍କ ଏହି ଦର୍ଶନୀୟ ଇନିଂସ କେବଳ ଦଳର ବିଜୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥିଲା। ଉର୍ବିଲ୍ ପଟେଲଙ୍କ ଆଜିର ଏହି ୨୩ ବଲ୍‌ରେ ୬୫ ରନ୍‌ର ଇନିଂସ୍ ମଧ୍ୟରେ ସେ ଏକ ରେକର୍ଡର ମଧ୍ୟ ସମକକ୍ଷ ହୋଇଛନ୍ତି। ସେ ମାତ୍ର ୧୩ ବଲରେ ନିଜ ଅର୍ଦ୍ଧଶତକ ପୂରଣ କରିଥିଲେ। ପୂର୍ବରୁ ରାଜସ୍ଥାନର ଯଶସ୍ୱୀ ଜୈସୱାଲ ୨୦୨୩ରେ ୧୩ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି କାର୍ତ୍ତିକ ଶର୍ମାଙ୍କ ୨୦ ରନ୍, ଡେୱାଲ୍ଡ ବ୍ରେଭିସ୍‌ଙ୍କ ୧୦ ରନ୍, ଶିବମ୍ ଦୁବେଙ୍କ ଅପରାଜିତ ୧୫ ରନ୍ ଏବଂ ପ୍ରଶାନ୍ତ ବୀର୍‌ଙ୍କ ଅପରାଜିତ ୧୭ ରନ୍ ଦଳକୁ ୧୯.୨ତମ ଓଭରରେ ବିଜୟ ଦେଇଥିଲା। ଚେନ୍ନାଇ ୫ ୱିକେଟ୍ ବିନିମୟରେ ୨୦୮ ରନ୍ ସଂଗ୍ରହ କରିନେଇଥିଲା। ଶେଷ ଓଭରରେ ଶିବମ ଦୁବେ, ଏଡେନ୍ ମାର୍କରାମଙ୍କ ବଲରେ ଲଗାତାର ଦୁଇଟି ଛକା ମାରି ଦଳକୁ ବିଜୟୀ କରାଇଥିଲେ। ଲକ୍ଷ୍ନୌ ପକ୍ଷରୁ ଦିଗବେଶ୍ ରାଠି ଏବଂ ଶେହବାଜ୍ ଅହମଦ୍ ୨ଟି ଲେଖାଏ ୱିକେଟ୍ ନେଇଥିବା ବେଳେ ଅଭେଶ୍ ଖାନ୍ ଗୋଟିଏ ୱିକେଟ୍ ପାଇଥିଲେ। ଚେନ୍ନାଇ ନିଜ ୧୧ତମ ମ୍ୟାଚ୍‌ରୁ ୬ଷ୍ଠ ବିଜୟ (୧୨ ପଏଣ୍ଟ) ସହ ପଏଣ୍ଟ ଟେବଲ୍‌ର ୫ମ ସ୍ଥାନରେ ରହିଥିବା ବେଳେ ଲକ୍ଷ୍ନୌ କିନ୍ତୁ ଆଜିର ପରାଜୟ ସହ ପ୍ଲେ-ଅଫ୍ ଦୌଡ଼ରୁ ସ୍ୱତଃପ୍ରବୃତ୍ତ ଭାବେ ବାହାରିଯାଇଛି। ଋଷଭ ପନ୍ତଙ୍କ ଦଳ ବାକି ଥିବା ମ୍ୟାଚ୍ ଜିତିଲେ ମଧ୍ୟ ସର୍ବାଧିକ ୧୨ ପଏଣ୍ଟରେ ପହଞ୍ଚିପାରିବ, ଯାହା ପ୍ଲେ-ଅଫ୍ ପାଇଁ ଯଥେଷ୍ଟ ନୁହେଁ। ଆଜିର ମ୍ୟାଚ୍‌ରେ ମାତ୍ର ୩୬ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର୍ କରିଥିବା ଚେନ୍ନାଇ ଖେଳାଳି ଓଭରଟନ୍‌ଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଛି।

ଜାତୀୟ ଚେତନା
JATIYA CHETANA



## ଶିବାଜୀ ମହାରାଜଙ୍କ ପ୍ରତି ସମ୍ମାନ

# ରିତେଶଙ୍କ ଚଳଚ୍ଚିତ୍ରରେ ସଲମାନ, ଅଭିଷେକ ଓ ବିଦ୍ୟାଙ୍କ ନିଃସ୍ୱାର୍ଥପର ସହଯୋଗ

ମରାଠା ସାମ୍ରାଜ୍ୟର ପ୍ରତିଷ୍ଠାତା ଛତ୍ରପତି ଶିବାଜୀ ମହାରାଜଙ୍କ ଅପୂର୍ବ ବୀରତ୍ୱ ଗାଥାକୁ ନେଇ ନିର୍ମିତ ଚଳଚ୍ଚିତ୍ର 'ରାଜା ଶିବାଜୀ' ବର୍ତ୍ତମାନ ଚଳଚ୍ଚିତ୍ର ଜଗତରେ ଏକ ଚର୍ଚ୍ଚିତ ବିଷୟ ପାଲଟିଛି। ଅଭିନେତା ତଥା ନିର୍ଦ୍ଦେଶକ ରିତେଶ ଦେଶମୁଖଙ୍କର ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପଟି ଗତ ମେ ମାସ ୧ ତାରିଖରେ ମୁକ୍ତିଲାଭ କରିଥିବା ବେଳେ ଏହା ପ୍ରେକ୍ଷାଳୟରେ ବେଶ ସଫଳତା ସାଉଁଟିବାରେ ଲାଗିଛି। ତେବେ ଏହି ଚଳଚ୍ଚିତ୍ରର ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ହୃଦୟସ୍ପର୍ଶୀ ଦିଗ ହେଉଛି ଏଥିରେ କାର୍ଯ୍ୟ କରିଥିବା ଅଗ୍ରଣୀ କଳାକାରମାନଙ୍କର ନିଃସ୍ୱାର୍ଥପର ସହଯୋଗ। ଚଳଚ୍ଚିତ୍ରଟିକୁ ଶିବାଜୀ ମହାରାଜଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଭାବେ ଗ୍ରହଣ କରି ସଲମାନ ଖାନ, ଅଭିଷେକ ବଚ୍ଚନ ଏବଂ ବିଦ୍ୟା ବାଲାନଙ୍କ ଭଳି ପ୍ରତିଷ୍ଠିତ ଅଭିନେତାମାନେ ଏଥିପାଇଁ କୌଣସି ପାରିଶ୍ରମିକ ବା ଅର୍ଥ ନେଇନାହାନ୍ତି। ରିତେଶ ଦେଶମୁଖ ନିଜେ ଏହି ସୂଚନା ଦେଇ କହିଛନ୍ତି ଯେ, ଚଳଚ୍ଚିତ୍ରର ନିର୍ମାଣ ସମୟରେ ଅର୍ଥକୁ ନେଇ କେବେ ହେଲେ କୌଣସି ଆଲୋଚନା ହୋଇନଥିଲା, ବରଂ ସମସ୍ତେ କେବଳ ଭକ୍ତି ଏବଂ ସମ୍ମାନର ସହ ଏହି କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ।




ଚଳଚ୍ଚିତ୍ରର କାହାଣୀରେ ରିତେଶ ଦେଶମୁଖ ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ସଲମାନ ଖାନ ତାଙ୍କର ବିଶ୍ୱସ୍ତ ଅଙ୍ଗରକ୍ଷୀ ଜିଭା ମହଲେଙ୍କ ଚରିତ୍ରକୁ ଜୀବନ୍ତ କରିଛନ୍ତି। ସେହିପରି ବିଦ୍ୟା ବାଲାନଙ୍କୁ ବାଦି ବେଗମ ଭୂମିକାରେ ଦେଖିବାକୁ ମିଳୁଥିବା ବେଳେ ଅଭିଷେକ ବଚ୍ଚନ ଛତ୍ରପତିଙ୍କ ବଡ଼ ଭାଇ ସମ୍ଭାଜୀଙ୍କ ଚରିତ୍ରରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି। ଏହି ମହାନ ପ୍ରକଳ୍ପରେ ବୋମନ ଇରାନୀ, ଫରଦୀନ ଖାନ ଏବଂ ଜେନେଲିଆ ଦେଶମୁଖ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ଏବଂ ସମସ୍ତେ ମାଗଣାରେ କାମ କରିବାକୁ ସମ୍ମତି ପ୍ରଦାସ କରିଥିଲେ। ରିତେଶଙ୍କ ଅନୁଯାୟୀ, ଅଭିଷେକ ବଚ୍ଚନଙ୍କ ଭଳି କଳାକାର କାହାଣୀ କିମ୍ବା ନିଜର ଭୂମିକା ବିଷୟରେ କିଛି ନପଚାରି କେବଳ ବନ୍ଧୁତ୍ୱ ଏବଂ ଶ୍ରଦ୍ଧା ଖାତିରରେ ଏହି ପ୍ରକଳ୍ପ ସହ ଜଡ଼ିତ ହୋଇଥିଲେ। ବିଗତ ୨୩ ବର୍ଷର କର୍ମମୟ ଜୀବନରେ ସେ ଯେଉଁ ସମ୍ପର୍କ ଓ ସମ୍ମାନ ଅର୍ଜନ କରିଛନ୍ତି, ତାହା ହିଁ ଆଜି ଏହି କଳାକାରମାନଙ୍କ ସମର୍ଥନ ଜରିଆରେ ପ୍ରତିଫଳିତ ହେଉଛି ବୋଲି ସେ ଗଭୀର କୃତଜ୍ଞତା ଜଣାଇଛନ୍ତି।

ଏହି ଐତିହାସିକ ନାଟକକୁ ସମ୍ପୂର୍ଣ୍ଣ କରିବା ପାଇଁ ରିତେଶ ପ୍ରାୟ ସାଢ଼େ ତିନି ବର୍ଷରୁ ଅଧିକ ସମୟ ଧରି ଗବେଷଣା ଏବଂ ଚିତ୍ରନାଟ୍ୟ ରଚନାରେ ବିତାଇଥିଲେ। ବଲିଉଡ ଏବଂ ମରାଠୀ ସିନେମାର ଏହି ମିଳନ ଚଳଚ୍ଚିତ୍ରକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଶିବାଜୀ ମହାରାଜଙ୍କ ଜୀବନର ସଂଘର୍ଷ, ତାଙ୍କର କୌଶଳ ଏବଂ ସ୍ୱରାଜ୍ୟ ପ୍ରତିଷ୍ଠା ପାଇଁ ତାଙ୍କର ଅବଦାନକୁ ଏହି ଚଳଚ୍ଚିତ୍ରରେ ଅତି ମନୋଜ୍ଞ ଭାବେ ଚିତ୍ରଣ କରାଯାଇଛି। କୌଣସି ସର୍ତ୍ତ ନରଖି କଳାକାରମାନେ କରିଥିବା ଏହି ସହଯୋଗ କେବଳ ରିତେଶଙ୍କ ପ୍ରତି ଥିବା ସମ୍ମାନ ନୁହେଁ, ବରଂ ଜଣେ ଜାତୀୟ ନାୟକଙ୍କ ପ୍ରତି ଥିବା ସମୂହ ଶ୍ରଦ୍ଧାଞ୍ଜଳିର ପରିପ୍ରକାଶ ଅଟେ। ବର୍ତ୍ତମାନର ବ୍ୟବସାୟିକ ସମୟରେ ଅର୍ଥ ବିନା ଏଭଳି ଏକ ବଡ଼ ପ୍ରକଳ୍ପ ସମାପ୍ତ ହେବା ଏବଂ ସଫଳତା ପାଇବା ନିଶ୍ଚିତ ଭାବେ ଏକ ବିରଳ ଉଦାହରଣ ସୃଷ୍ଟି କରିଛି।


## ଗଦର ୩ କନ୍‌ଫର୍ମ: ଅମିଷା ପଟେଲଙ୍କ ବଡ଼ ଖୁଲାସା

ବକ୍ସ ଅଫିସରେ ପୁଣି ଥରେ ଇତିହାସ ରଚିବାକୁ ପ୍ରସ୍ତୁତ ହେଉଛି 'ଗଦର' ଫ୍ରାଞ୍ଚାଇଜ୍। ସନ୍ନି ଦେଓଲ ଏବଂ ଅମିଷା ପଟେଲଙ୍କ ଲୋକପ୍ରିୟ ଯୋଡ଼ିକୁ ପୁଣିଥରେ ବଡ଼ ପରଦାରେ ଦେଖିବାକୁ ଅପେକ୍ଷା କରିଥିବା ଦର୍ଶକଙ୍କ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଅଭିନେତ୍ରୀ ଅମିଷା ପଟେଲ ନିଜେ 'ଗଦର ୩' ନିର୍ମାଣ ହେବା ନେଇ ସ୍ପଷ୍ଟ କରିଛନ୍ତି। ଅମିଷା ନିଜ ସାମାଜିକ ଗଣମାଧ୍ୟମରେ ଏକାଧିକ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ଯେ, 'ଗଦର ୩' ନିଶ୍ଚିତ ଭାବରେ ଆସିବ ଏବଂ ଯେତେବେଳେ ଏହା ଆସିବ, ପ୍ରେକ୍ଷାଳୟରେ ପୁଣି ଥରେ ହଇଚଇ ସୃଷ୍ଟି କରିବ। ଏଥର ଚଳଚ୍ଚିତ୍ରର କାହାଣୀ ଏବଂ ନିର୍ମାଣ ଶୈଳୀ ପୂର୍ବ ଅପେକ୍ଷା ଆହୁରି ଭବ୍ୟ ଓ ଶକ୍ତିଶାଳୀ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କେବଳ ଚଳଚ୍ଚିତ୍ରର ଘୋଷଣା ନୁହେଁ, ବରଂ ବଲିଉଡରେ ଚାଲିଥିବା 'ନକଲି ପ୍ରଚାର' ଖେଳକୁ ନେଇ ମଧ୍ୟ ଅମିଷା ଖୁବ୍ ବର୍ଷିଛନ୍ତି। ସେ କହିଛନ୍ତି ଯେ, ନିଜକୁ ସୁପରଷ୍ଟାର କହିବା ପାଇଁ ପ୍ରଚାରକଙ୍କ ସାହାଯ୍ୟ ନେବା ବନ୍ଦ କରନ୍ତୁ। ଯେଉଁମାନେ ବ୍ୟବସାୟିକ ସଫଳତା ଜରିଆରେ ଇତିହାସ ସୃଷ୍ଟି କରନ୍ତି, ସେମାନେ ହିଁ ପ୍ରକୃତ ତାରକା। ଆଜିକାଲି ଅନେକ ଅଭିନେତ୍ରୀ ଗୋଟିଏ ବି ବଡ଼ ସଫଳ ଚଳଚ୍ଚିତ୍ର ଦେଇ ନଥିଲେ ମଧ୍ୟ ନିଜକୁ ଏକ ନମ୍ବର ବୋଲି ପ୍ରମାଣିତ କରିବାକୁ ପ୍ରଚାର ସଂସ୍ଥାକୁ ଟଙ୍କା ଦେଉଛନ୍ତି। ଏଥିସହିତ କିଛି ୟୁଟ୍ୟୁବ୍ ବ୍ୟବହାରକାରୀ ତାରକାମାନଙ୍କ ବିଷୟରେ ନକାରାତ୍ମକ କଥା କହି ନିଜର ସମର୍ଥନ ପାଉଥିବା ବେଳେ ଏଥିପ୍ରତି ଧ୍ୟାନ ନଦେବାକୁ ସେ ପରାମର୍ଶ ଦେଇଛନ୍ତି। ୨୦୨୩ରେ ମୁକ୍ତିଲାଭ କରିଥିବା 'ଗଦର ୨' ର ସଫଳତା ପରେ ଏବେ ତୃତୀୟ ଭାଗର ଘୋଷଣା ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି।

## ମନୋଜ ବାଜପେୟୀଙ୍କ ପରବର୍ତ୍ତୀ ଧମାକା

# ୧୯୯୦ରେ ଆର୍ଥିକ ସଙ୍କଟ କାହାଣୀ କହିବ 'ଦ ସାଇଲେଣ୍ଟ ସେଭିଅର: ଗଭର୍ଣ୍ଣର'

୧୯୯୦ ଦଶକର ପ୍ରାରମ୍ଭିକ ସମୟ, ଭାରତୀୟ ଅର୍ଥନୀତିର ଏକ ଅନ୍ଧକାରମୟ ଅଧ୍ୟାୟ ଏବଂ ଦେଶର ଭାଗ୍ୟ ନିର୍ଦ୍ଧାରଣ କରୁଥିବା କିଛି ବନ୍ଦ କୋଠରୀର ନିଷ୍ପତ୍ତି - ଏହି ସବୁକୁ ନେଇ ନିର୍ମିତ ହୋଇଛି ଚଳଚ୍ଚିତ୍ର 'ଦ ସାଇଲେଣ୍ଟ ସେଭିଅର: ଗଭର୍ଣ୍ଣର'। ଏହି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ହେଉଛନ୍ତି ମନୋଜ ବାଜପେୟୀ, ଯିଏ ପୁଣି ଥରେ ନିଜର ଗମ୍ଭୀର ଏବଂ ଶକ୍ତିଶାଳୀ ଅଭିନୟ ଜରିଆରେ ଦର୍ଶକଙ୍କୁ ସ୍ତବ୍ଧ କରିବାକୁ ପ୍ରସ୍ତୁତ ଅଛନ୍ତି। କାହାଣୀଟି ଆରମ୍ଭ ହୁଏ ସେହି ସମୟରୁ ଯେତେବେଳେ ଭାରତ ପାଖରେ ମାତ୍ର ଦୁଇ ସପ୍ତାହର ଆମଦାନୀ ପାଇଁ ବୈଦେଶିକ ମୁଦ୍ରା ଭଣ୍ଡାର ବାକି ଥିଲା ଏବଂ ଦେଶ ଏକ ଆର୍ଥିକ ମହାବିପତ୍ତି ଆଡ଼କୁ ଗତି କରୁଥିଲା। ଏହି ସଙ୍କଟ ସମୟରେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣରଙ୍କ କାନ୍ଧରେ ରହିଥିଲା କୋଟି କୋଟି ଭାରତୀୟଙ୍କ ଭବିଷ୍ୟତ। ଚଳଚ୍ଚିତ୍ରର ପ୍ରାକ୍-ଝଲକ ବା ଟିଜରରେ ଦେଖାଯାଇଥିବା ଦୃଶ୍ୟଗୁଡ଼ିକ ଏକ ପ୍ରକାର ମାନସିକ ଚାପ ଏବଂ ଦେଶପ୍ରେମର ଅପୂର୍ବ ମିଶ୍ରଣ। ମନୋଜ ବାଜପେୟୀଙ୍କ ଚରିତ୍ରଟି କେବଳ ଜଣେ ବ୍ୟାଙ୍କ ପରିଚାଳକ ନୁହେଁ, ବରଂ ଜଣେ ଯୋଦ୍ଧା ଭାବେ ଉଭା ହୋଇଛନ୍ତି, ଯିଏ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଦେଶର ସମ୍ମାନ ଏବଂ ସ୍ଥିରତାକୁ ବଞ୍ଚାଇବା ପାଇଁ ଲଢୁଛନ୍ତି।



ଖବର ଅନୁଯାୟୀ, ଏହି ଚଳଚ୍ଚିତ୍ରଟି ପୂର୍ବତନ ଆର୍‌ବିଆଇ ଗଭର୍ଣ୍ଣର ଏସ. ଭେଙ୍କିଟରାମଣନଙ୍କ ଜୀବନୀ ଓ ତାଙ୍କ ସମୟର ଘଟଣାବଳୀରୁ ପ୍ରେରଣା ଗ୍ରହଣ କରିଛି। ସେହି ସମୟରେ ଭାରତ ନିଜର ସୁନା ବନ୍ଧକ ରଖିବାକୁ ବାଧ୍ୟ ହୋଇଥିଲା, ଯାହା ଦେଶ ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ ଥିଲା। ଏହି ନାଟକୀୟ ଘଟଣାକ୍ରମକୁ ନିର୍ଦ୍ଦେଶକ ଚିନ୍ମୟ ମାଣ୍ଡଲେକର ଅତି ନିଖୁଣ ଭାବେ ପରଦାରେ ଉତାରିଛନ୍ତି। ଚଳଚ୍ଚିତ୍ରର ସଂଳାପଗୁଡ଼ିକ ଏତେ ପ୍ରଭାବଶାଳୀ ଯେ, ଏହା ସେହି ସମୟର ଭୟ ଓ ଅନିଶ୍ଚିତତାକୁ ଅନୁଭବ କରାଇବାରେ ସକ୍ଷମ ହେଉଛି। ପ୍ରଯୋଜକ ବିପୁଳ ଅମୃତଲାଲ ଶାହଙ୍କ ଦୃଷ୍ଟିକୋଣ ଏବଂ ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟଜୀଙ୍କ ସମେତ ଅନ୍ୟ ଲେଖକମାନଙ୍କ ଗବେଷଣାତ୍ମକ ଚିତ୍ରନାଟ୍ୟ ଏହି ଚଳଚ୍ଚିତ୍ରକୁ ଏକ ଐତିହାସିକ ଦଲିଲ ଭାବେ ଉପସ୍ଥାପନ କରୁଛି। ଅଭିନୟ ଶିଳ୍ପୀଙ୍କ ମଧ୍ୟରେ ଅଦା ଶର୍ମା ଏବଂ ନୌଶାଦ ମହମ୍ମଦ କୁଞ୍ଜୁଙ୍କ ଉପସ୍ଥିତି କାହାଣୀକୁ ଅଧିକ ଗତିଶୀଳ କରିଛି। ସଙ୍ଗୀତ କ୍ଷେତ୍ରରେ ଅମିତ ତ୍ରିବେଦୀଙ୍କ ସୁମଧୁର ସ୍ୱର ଏବଂ ଜାଭେଦ ଅଖତରଙ୍କ ଗଭୀର ଶବ୍ଦାବଳୀ ଚଳଚ୍ଚିତ୍ରର ଆତ୍ମାକୁ ସ୍ପର୍ଶ କରୁଛି। ଏହି ଚଳଚ୍ଚିତ୍ରଟି କେବଳ ଏକ କାହାଣୀ ନୁହେଁ, ବରଂ ଆଧୁନିକ ଭାରତ ଗଠନର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ର ବୃତ୍ତାନ୍ତ। ଯେଉଁ ଆର୍ଥିକ ସଂସ୍କାର ନୀତି ଆଜିର ବିକଶିତ ଭାରତର ନିଅଁ ପକାଇଥିଲା, ତା' ପଛରେ ରହିଥିବା ଅଜ୍ଞାତ ନାୟକଙ୍କ ସଂଘର୍ଷକୁ ଏଥିରେ ସମ୍ମାନ ଜଣାଯାଇଛି। ମନୋଜ ବାଜପେୟୀ ପୁଣିଥରେ ପ୍ରମାଣ କରିଛନ୍ତି ଯେ, ସେ କାହିଁକି ଜଟିଳ ଭୂମିକା ପାଇଁ ଶ୍ରେଷ୍ଠ ପସନ୍ଦ। ତାଙ୍କର ଚାଲିଚଳଣ, ଗମ୍ଭୀର ଚାହାଣି ଏବଂ ଦେଶ ପାଇଁ କିଛି କରିବାର ଜିଦ୍ ପ୍ରତିଟି ଦୃଶ୍ୟରେ ବାରି ହୋଇ ପଡୁଛି। ୨୦୨୬ ଜୁନ୍ ୧୨ ତାରିଖରେ ଯେତେବେଳେ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟକୁ ଆସିବ, ଏହା ନିଶ୍ଚିତ ଭାବେ ଭାରତୀୟ ଇତିହାସ ଏବଂ ଅର୍ଥନୀତି ପ୍ରତି ଦର୍ଶକଙ୍କ ଦୃଷ୍ଟିକୋଣକୁ ବଦଳାଇ ଦେବ। ଏକ ନିରବ ରକ୍ଷକ କିଭଳି ଭାବେ ବିନା କୌଣସି ଅସ୍ତ୍ରରେ ଦେଶକୁ ଏକ ବଡ଼ ବିପତ୍ତିରୁ ରକ୍ଷା କରିପାରେ, ତାହା ଦେଖିବା ପାଇଁ ସାରା ଦେଶ ଏବେ ଚାହିଁ ରହିଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ